## ୩୯ ବର୍ଷ ପରେ ଏକାଠି ହେଲେ ପୁରାତନ ଛାତ୍ରଛାତ୍ରୀ

ଗୋପ,୩।୫(ସମିସ): ଗୋପ ବ୍ଲକ୍ ଅଧୀନ କୋଟିଲେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୮୭ ମସିହା ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନଶିକ୍ଷକ ଶ୍ରୀଧର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ କୋଟିଲେଶ୍ୱର ଉଚ୍ଚ ବିଦ୍ୟାଳୟର ୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ଏକତ୍ରିତ ହୋଇ ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥିବାବେଳେ ବିଦ୍ୟାଳୟ ପରିସରରେ ଭାବବିହ୍ୱଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁରାତନ ସ୍ମୃତିକୁ ମନେପକାଇ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଜନହିତକର କାର୍ଯ୍ୟକ୍ରମ କରିବେ ବୋଲି ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଗନ୍ଧର୍ବ ବିଶ୍ୱାଳ, ନିରୁପମା ପାତ୍ର, ଗୁରୁପ୍ରସାଦ ମହାନ୍ତି, ବଳରାମ ବେହେରା ଉପସ୍ଥିତ ଥିବାବେଳେ ପୂର୍ବତନ ଛାତ୍ର ଜଳନ୍ଧର ବେହେରା, ହରିହର ମାଝୀ, ରବୀନ୍ଦ୍ର ବେହେରା, ପ୍ରକାଶ ପାତ୍ର, ଇଭାଞ୍ଜିଲି ସାମନ୍ତରାୟ, ସୁଚିତ୍ରା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଳା ଓ ସଂସ୍କୃତିର ଗ୍ରାମ ଛଣଘର



ବଳଙ୍ଗା,୩।୫(ସମିସ): ଆଜିର ସୋସିଆଲ ମିଡିଆ, ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ୍, ଓଇ ଷ୍ଟୁଡିଓ ଯୁଗରେ ମଧ୍ୟ କଳା ସଂସ୍କୃତି ଉଜ୍ଜିବିତ ରହିଛି। ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ରଥପୁରୁଷୋତ୍ତମପୁର ପଞ୍ଚାୟତ ଛଣଘର ଗ୍ରାମରେ ସାତ ଦିନବ୍ୟାପୀ ବାଦୀ ପାଲା ଚାଲିଥିବାବେଳେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତମ ରଜନୀ ମଧ୍ୟରେ ଉଭୟ ପାଲା ଗାୟକଙ୍କ ବିଭିନ୍ନ ପୁରାଣ ଗ୍ରନ୍ଥ ବର୍ଣ୍ଣିତ ବିଷୟ ଉପରେ ଉପସ୍ଥିତ ଥିବା ଜ୍ଞାନୀଗୁଣି ଓ ପାଲା ପ୍ରେମୀମାନଙ୍କ ସର୍ବସମ୍ମୁଖରେ ବର୍ଣ୍ଣନା କରି ପାଲା ପ୍ରେମୀମାନଙ୍କୁ ଆକୃଷ୍ଟ କରିଥିଲେ। ଗାୟକ ବିଦ୍ୟାବାରିଧି ଗୁରୁ ନିରଞ୍ଜନ ବାହିନୀପତି ଓ ଗାୟକ ଜ୍ଞାନଭୂଷଣ ଲକ୍ଷ୍ମୀଧର ପଣ୍ଡାଙ୍କ ମଧ୍ୟରେ ଚାଲିଥିବା ବାର୍ଷିକ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ଓଡ଼ିଶା, ୪୭ତମ ବାର୍ଷିକ ସମ୍ମିଳନୀ ସୁନ୍ଦରପଦାଠାରେ ଅନୁଷ୍ଠିତ ହୋଇଥିବାବେଳେ ପରିଷଦର କର୍ମକର୍ତ୍ତାମାନେ ଆସି ସାଂସ୍କୃତିକ ଗ୍ରାମ ଛଣଘର ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ପାଲା ମଞ୍ଚରେ ସମ୍ବର୍ଦ୍ଧନା ପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ।

## ସଭାମଣ୍ଡପର ପ୍ରସିଦ୍ଧ ବାରଗାଦୀ ମେଳଣ

ଚାରିଛକ,୩।୫(ସମିସ): ଚାରିଛକ ନିକଟସ୍ଥ ସଭାମଣ୍ଡପ ନିକଟରେ ପ୍ରତବର୍ଷ ଭଳି ଚଳିତବର୍ଷ ବାରଗାଦୀ ଠାକୁରଙ୍କ ମେଳଣ ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ବର୍ଷା ପବନରେ ବିମାନ ଉପରେ ଜରି ପକାଇ ବୈଶାଖ ମାସ ଚର୍ତୁଦ୍ଦଶୀ ରାତିରେ ବାରଗ୍ରାମ ତୁଳସୀପୁର, ଭାଣପୁର, ଚହଟା, ଛଣିଜଙ୍ଗ, ଜାହାଙ୍ଗିରପୁର, ବାସୁଦେଇପୁର, ଦଣ୍ଡିକେରା, ବାଲୁଙ୍କ, ବନମାଳିପୁର, ବଳଭଦ୍ରପୁର, କେଶ୍ୱରାଇପୁର, ସାନହୁଲି ଆଦି ଗ୍ରାମ ଠାକୁରମାନେ ନିଜ ନିଜର ସୁସଜ୍ଜିତ ବିମାନରେ ଆସି ମେଳଣ ପଡ଼ିଆରେ ପହଞ୍ଚିଥା'ନ୍ତି। ଥାନପତି ଭାବେ ପ୍ରଥମେ ତୁଳସୀପୁର ଗ୍ରାମର ଠାକୁର ମଣ୍ଡପରେ ବିରାଜମାନ କରିବା ପରେ ଅନ୍ୟ ୧୧ ଠାକୁର ବିରାଜମାନ କରିଥା'ନ୍ତି। ପୂର୍ଣ୍ଣିମା ଦିନ ସକାଳୁ ଠାକୁରଙ୍କ ସ୍ନାନପରେ ଠାକୁରଙ୍କ ପାଖରେ ବାରସ୍କନ୍ଦ ଭାଗବତ ପାଠ କରାଯାଏ। ପରେ ସନ୍ଧ୍ୟାରେ ଘଣ୍ଟ, ପଖୋଜ ଆଦି ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ଆତସବାଜି ଫୁଟାଇ ମେଳଣ ପଡ଼ିଆରେ ବାର ଠାକୁରଙ୍କ ଏକତ୍ର ମେଳଣ ଅନୁଷ୍ଠିତ ହେବା ପରେ ଠାକୁରମାନେ ନିଜ ନିଜ ବିମାନରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥା'ନ୍ତି। ବାରଗାଦୀ ମେଳଣ କମିଟି ପକ୍ଷରୁ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅୟୋଜିତ ହୋଇଥାଏ। ଏଠାରେ ଥିବା ସଭାମଣ୍ଡପଟି ଖାରବେଳଙ୍କ ରାଜୁତି ସମୟରେ ନିର୍ମାଣ କରାଯାଇଥିଲା ବୋଲି ପୁରୁଖା ଲୋକମାନେ ମତଦିଅନ୍ତି। ପ୍ରାୟ ୧ ହଜାର ବର୍ଷଧରି ଏଠାରେ ଦୋଳପୂର୍ଣ୍ଣିମା ଦିନ ଚାରି ଠାକୁରଙ୍କ ପ୍ରସିଦ୍ଧ ହରିହର ଭେଟ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଐତିହାସିକ ପୀଠର ବିକାଶ କରିବାକୁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ବାରଗାଦୀ ମେଳଣ କମିଟି, ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ମହର୍ଷି ମାୟାଧର ଦାସଙ୍କ ୧୩୦ତମ ଜନ୍ମବାର୍ଷିକୀ

ଚାରିଛକ,୩।୫(ସମିସ): ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ଆଧ୍ୟାତ୍ମିକ ଗୁରୁ ମହର୍ଷି ମାୟାଧର ଦାସଙ୍କ ୧୩୦ତମ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମ ପରିସରରେ ଏକ ଭକ୍ତିପୂର୍ଣ୍ଣ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଶ୍ରମ କମିଟିର ସଭାପତି ଲକ୍ଷ୍ମୀଧର ନାୟକଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କବିରାଜ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ତଥା ଆଶ୍ରମ କମିଟି ସମ୍ପାଦକ ଡ. କେଦାରନାଥ ସାହୁ ପରିଚାଳନା କରିଥିଲେ। ଡ. ସୁରେଶ ଚନ୍ଦ୍ର ସାହୁ ଓ ସ୍ୱପ୍ନାରାଣୀ ସାହୁ କର୍ତ୍ତା ଦାୟିତ୍ୱ



ନିର୍ବାହ କରିଥିଲେ। ପଣ୍ଡିତ ରଶ୍ମିରଞ୍ଜନ ବାନାର୍ଜୀ ଓ ନୀଳମଣି ଦାଶ ଯଜ୍ଞ ଓ ପୂଜାବିଧି ସମ୍ପାଦନ କରିଥିଲେ। ଉତ୍ସବରେ ଅମରେଶ୍ୱର ତ୍ରିପାଠୀ, ନିରଞ୍ଜନ କର, ଡ. ଅଞ୍ଜଳି ପ୍ରଧାନ, ଡ. ସନ୍ତୋଷ କୁମାର ମିତ୍ର, ପ୍ରବୀର କୁମାର ଦାଶ, ଚକ୍ରଧର ସ ଏବଂ ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀ ପ୍ରମୁଖ ଗୀତାପାଠ କରିଥିଲେ। ସନ୍ଧ୍ୟା ସମୟରେ ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ସ୍ୱାଇଁ ଓ ତାଙ୍କ ସାଥୀଙ୍କ ଦ୍ୱାରା ନାମକୀର୍ତ୍ତନ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସାଧୁସନ୍ଥ ଏବଂ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ମହର୍ଷିଙ୍କ ଦର୍ଶନ କରିବା ସହ ଯଜ୍ଞାହୁତି ଗ୍ରହଣ କରିଥିଲେ।

## ପରିବହନ ବିଭାଗ କର୍ମଚାରୀଙ୍କ ଦାୟିତ୍ୱହୀନ କାର୍ଯ୍ୟ

# ପୁରୀ ଜିଲ୍ଲାରେ ଅଛି ଗାଡ଼ି; କୋରାପୁଟରେ କଟୁଛି ଚାଲାଣ

କୁଣ୍ଢେଇ,୩।୫(ସମିସ)

ରାଜ୍ୟ ପରିବହନ ବିଭାଗର ଦାୟିତ୍ୱହୀନ ଯୋଗୁଁ ଅଯଥାରେ ଜଣେ ନିରୀହ ବ୍ୟକ୍ତି ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ ଜନୈକ ବ୍ୟକ୍ତିଙ୍କ ଗାଡ଼ି ଘରେ ଥିବାବେଳେ ହେଲ୍‌ମେଟ୍ ପିନ୍ଧି ନ ଥିବା ନେଇ କୋରାପୁଟରେ ତାଙ୍କର ଚାଲାଣ କଟିଥିବା ମେସେଜ୍ ଆସିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କୋରାପୁଟ ପରିବହନ ବିଭାଗ, ପୁଲିସ, ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ମାସେ ବିତିଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରୁନାହିଁ। ଫଳରେ ସମ୍ପୃକ୍ତ ବ୍ୟକ୍ତି ଜଣକ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ଅଭିଯୋଗ ହୋଇଛି।

**■ ଗୋଟିଏ ଗାଡ଼ିର ଫଟୋ ଉଠାଇ ଅନ୍ୟ ଗାଡ଼ି ନମ୍ବରରେ କାଟୁଛନ୍ତି ଚାଲାଣ**

**■ ମାନସିକ ନିର୍ଯାତନା ଦେଉଛି କୋରାପୁଟ ଜିଲ୍ଲା ପରିବହନ ବିଭାଗ**

ପ୍ରକାଶ ଯେ, ଗତ ମାର୍ଚ୍ଚ ୨୮ ତାରିଖ ରାତି ୮ଟା ୧୯ରେ ପୁରୀ ଜିଲ୍ଲା କାକଟପୁର ଥାନା ବାଜପୁର ଗ୍ରାମର ଅରୁଣ କୁମାର ପୃଷ୍ଟିଙ୍କ ଗାଡ଼ି ହିରୋ ମାଏଷ୍ଟ୍ରୋ (ଓଡି୦୨ ଡିସି ୧୫୩୪) ଘରେ ଥିବାବେଳେ ତାଙ୍କ ମୋବାଇଲକୁ ବିନା ହେଲ୍‌ମେଟରେ ଗାଡ଼ି ଚଳାଉଥିବା ଦର୍ଶାଇ କୋରାପୁଟ ପରିବହନ ବିଭାଗ ପକ୍ଷରୁ ୧୦୦୦ ଟଙ୍କା ଜରିମାନା ହୋଇଥିବା ମେସେଜ୍ ଆସିଥିଲା। ସେଦିନ ଘରେ ଗାଡ଼ି ଥାଇ କିପରି ଚାଲାଣ କଟିଲା ତା'ର ଡିଟେଲ୍ସ ବାହାର କରି



ଜାଣିଲେ ଯେ, କୋରାପୁଟ ଜିଲ୍ଲାର ଜୟପୁର ଥାନା ଅଧିକାରୀ ରୁଚିକାନ୍ତ ମହାକୁଡ଼ ଏକ ଗାଡ଼ି ହୁଣ୍ଡା ଏସ୍‌ପି ୧୨୫ରେ ଓଡି୦୨ଡିସି୧୫୩୪ର ଫଟୋ ଉଠାଇ ହିରୋ ମାଏଷ୍ଟ୍ରୋ ଗାଡ଼ିରେ ନଂ ଓଡି୦୨ଡି୧୫୩୪ ଉପରେ ଜରିମାନା ଧାର୍ଯ୍ୟ କରିଛନ୍ତି। ଏହା ଜାଣି ସେ ସଙ୍ଗେ ସଙ୍ଗେ କୋରାପୁଟ ପରିବହନ ଅଧିକାରୀ ରାଜେଶ ମାରାଣ୍ଡିଙ୍କ ମୋବାଇଲ୍‌କୁ ଯୋଗଯୋଗ କରି ସମାଧାନ କରିଦେବାକୁ ଶ୍ରୀ ପୃଷ୍ଟି ଅନୁରୋଧ କରିଥିଲେ। ଏହା ପରେ ତା' ପରଦିନ ଅର୍ଥାତ୍ ୨୯.୩.୨୦୨୬ରେ ପରିବହନ ବିଭାଗ ଆପ୍ ମାଧ୍ୟମରେ କ୍ଲରିକାଲ ତ୍ରୁଟି କାରଣରୁ ଗାଡ଼ି ନଂ ଓଡି୦୨ଡିସି୧୫୩୪ ପରିବର୍ତ୍ତେ "ସି' ଅକ୍ଷର ଛାଡ଼ି ଓଡି୦୨ଡି୧୫୩୪ ଉପରେ ଭୁଲ୍‌ବଶତଃ ଚାଲାଣ କଟିଥିବାରୁ ସମାଧାନ ପାଇଁ ଅଭିଯୋଗ କରି ଟିକଟ ନଂ ଇସି୨୬୨୯ୱାଇପି୪୭ୱାଇ୯ ପାଇଛନ୍ତି। ୩୧.୩.୨୦୨୬ ତାରିଖ ଦିନ ୧୧ଟା ୫୦ରେ ଜୟପୁର ଥାନାଧିକାରୀ ତାଙ୍କ ତରଫରୁ ଫୋନ୍ କରି ତୁରନ୍ତ ତ୍ରୁଟି ସମାଧାନ କରିଦେବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏକ ମାସରୁ ଊର୍ଦ୍ଧ୍ୱ ବିତିଗଲାଣି, ହେଲେ ସମାଧାନ ହୋଇନାହିଁ। ପୁନର୍ବାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୋରାପୁଟ ଏବଂ କୋରାପୁଟ ପରିବହନ ଅଧିକାରୀଙ୍କୁ ମେଲ୍ କରି ଅଭିଯୋଗ କରାଯାଇଛି। ଏହାକୁ ୧ ମାସ ଅତିବାହିତ ହୋଇଯାଇଥିଲେ ମଧ୍ୟ କୋରାପୁଟ ପ୍ରଶାସନିକ ଅଧିକାରୀମାନେ ଜରିମାନା ଉଚ୍ଛେଦ କିମ୍ବା ସଂଶୋଧନ କରି ନ ଥିବାରୁ ଶ୍ରୀ ପୃଷ୍ଟି ମାନସିକ ଯନ୍ତ୍ରଣା ପାଉଛନ୍ତି। ଏହାର ବିଚାର କରି ତାଙ୍କ ଉପରେ ଧାର୍ଯ୍ୟ ବେଆଇନ ଜରିମାନା ତୁରନ୍ତ ଉଚ୍ଛେଦ କିମ୍ବା ସଂଶୋଧନ କରିବାକୁ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଏବଂ ପରିବହନ ସଚିବଙ୍କୁ ସେ ଅନୁରୋଧ କରିଛନ୍ତି।

## ଜଳ ବିବାଦ ସମାଧାନ ନିମନ୍ତେ ମହାନଦୀ ବଞ୍ଚାଅ ବିକ୍ଷୋଭ



ବଳଙ୍ଗା,୩।୫(ସମିସ): ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ଭାର୍ଗବୀ ନଦୀ କୂଳ ମା' ବିଶ୍ୱେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମହାନଦୀ ବଞ୍ଚାଅ ଆନ୍ଦୋଳନ କମିଟି ଓ ଓପନ୍ ଲର୍ଣ୍ଣିଂ ସିଷ୍ଟମ ମିଳିତ ସହଯୋଗରେ ଓଡ଼ିଶାକୁ ନ୍ୟାୟ ଦିଅ ଛତିଶଗଡ଼କୁ ପାଣି ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯିବା ସହ ଜଳ ବିବାଦର ତୁରନ୍ତ ସମାଧାନ ନିମନ୍ତେ ମହାନଦୀ ବଞ୍ଚାଅ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ୨୦୦୭ରୁ ୨୦୧୬ ପର୍ଯ୍ୟନ୍ତ ଛତିଶଗଡ଼ ମହାନଦୀ ଉପର ମୁଣ୍ଡରେ କଲମାଠାରେ ଏକ ଡ୍ୟାମ୍ ନିର୍ମାଣ ହେବା ଫଳରେ ଓଡ଼ିଶାରେ ଜଳ ଅଭାବ ଦେଖା ଦେବା ସହ ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ଓ ପାନୀୟ ଜଳର ଅଭାବ ଦେଖାଦେବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଇଥିଲା। ଫଳରେ ପୂର୍ବ ସରକାର ସମୟରେ ୨୦୧୭ରେ ସୁପ୍ରିକୋର୍ଟଙ୍କ ଜରିଆରେ ମହାନଦୀ ଜଳ ବିବାଦ ସମାଧାନ ନିମନ୍ତେ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। କିନ୍ତୁ ୨୦୧୮ରୁ ୨୦୨୬ ମଧ୍ୟରେ ଦୁଇଥର ଟ୍ରିବ୍ୟୁନାଲ ଆସିଥିଲେ ମଧ୍ୟ ଛତିଶଗଡ଼ ସରକାରଙ୍କ ପକ୍ଷରୁ ସହଯୋଗ ମିଳିଲାନାହିଁ। ଓଡ଼ିଶା ୧.୭୪ ମିଲିୟନ ଏକର ଫୁଟ୍ ଜଳ ଆବଶ୍ୟକତା କରୁଥିବାବେଳେ ଟ୍ରିବ୍ୟୁନାଲ କୌଣସି ପ୍ରକାର ସମାଧାନ କରୁନାହିଁ। ଏହି ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ରବିବାର ମହାନଦୀ ବଞ୍ଚାଅ କମିଟି ଓ ଓପନ୍ ଲର୍ଣ୍ଣିଂ ସିଷ୍ଟମ୍ ମିଳିତ ଆନୁକୂଲ୍ୟରେ ମହାନଦୀ ବଞ୍ଚାଅ ବିକ୍ଷୋଭ ଅନୁଷ୍ଠିତ ହେବା ସହ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିମାପଡ଼ା ତହସିଲ୍‌ଦାରଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ସମସ୍ୟାର ସମାଧାନ ତୁରନ୍ତ କରା ନ ଗଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ ପାଇଁ ମହାନଦୀ କମିଟି ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ଭବାନୀ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ନିମନ୍ତେ ପ୍ରସ୍ତୁତି

ନିମାପଡ଼ା,୩।୫(ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀକୁ ନିମାପଡ଼ାରେ ନିମାପଡ଼ା ପ୍ରେରଣା ଦିବସ ଭାବେ ପାଳନ କରାଯିବ ବୋଲି ନିମାପଡ଼ା ସହିଦ୍ ସ୍ମୃତି ସଂସଦଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୪ ତାରିଖରେ ସହିଦ୍ ସ୍ମୃତି ସଂସଦ ପ୍ରାଙ୍ଗଣରେ ନିମାପଡ଼ାର ୧୦୦ ଛାତ୍ରଛାତ୍ରୀଙ୍କୁ ନେଇ ଆମ ଓଡ଼ିଶା ଶୀର୍ଷକ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହେବ ବୋଲି ପୂର୍ବତନ ମନ୍ତ୍ରୀ ତଥା ସ୍ମୃତି ସଂସଦର ସଭାପତି ସମୀର ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି



ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସଭାରେ ସାହିତ୍ୟିକ ଦାଶ୍ ବେନ୍‌ହୂର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭବାନୀ ବାବୁ ଓ ସେବା ଉପରେ ସ୍ମାରକୀ ଅଭିଭାଷଣ ପ୍ରଦାନ କରିବେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋପ ଅଞ୍ଚଳରେ ଉତ୍ସର୍ଗ ନାମକ ଏକ ଯୁବ ସଂଗଠନକୁ ଭବାନୀ ପଟ୍ଟନାୟକ ସେବା ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ନିମନ୍ତ୍ରଣ କରାଯିବା ପାଇଁ ସ୍ଥିର କରାଯାଇଛି। ଉକ୍ତ ବୈଠକରେ ସଂସଦର ସମ୍ପାଦକ ଡ. ବେଣୁଧର ସେନାପତି, ସଦସ୍ୟ ଜୀବନାନନ୍ଦ ମହାପାତ୍ରଙ୍କ ସମେତ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

**ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ**

## ବେଳାଭୂମିର ସୁରଜ ଟପ୍ପର, ପୁଷ୍ପଜିତ ଓ ଶଶାଙ୍କ ଯୁଗ୍ମ ଦ୍ୱିତୀୟ



ଅସ୍ତରଙ୍ଗ,୩।୫(ସମିସ): ଅସ୍ତରଙ୍ଗ ବ୍ଲକ୍ ଶିକ୍ଷା ମଣ୍ଡଳୀ ଅଧୀନରେ ମାଟ୍ରିକ୍ ପରୀକ୍ଷା ଲାଗି ହୋଇଥିବା ୫ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ପାଟଳଦା କେନ୍ଦ୍ରଟି ମୁକ୍ତ ବିଦ୍ୟାଳୟ କେନ୍ଦ୍ର ରହିଥିଲା। ଆଉ ୪ଟି କେନ୍ଦ୍ର ଯଥା- ଜନତା ହାଇସ୍କୁଲ ବନ୍ତିଲୋ, ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର, ଅସ୍ତରଙ୍ଗ ହାଇସ୍କୁଲ୍, ଐଶାନେଶ୍ୱର ବିଦ୍ୟାପୀଠ ଅଠତିରା ଆଦିରେ ମୋଟ୍ ୮୯୦ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ବେଳାଭୂମି ହାଇସ୍କୁଲର ଛାତ୍ର ସୁରଜ୍ ପ୍ରଧାନ ୫୪୭ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଜନତା ଉଚ୍ଚ ବିଦ୍ୟାଳୟ ବନ୍ତିଲୋର ଛାତ୍ର ପୁଷ୍ପଜିତ୍ ପ୍ରଧାନ ଓ ଐଶାନେଶ୍ୱର୍ ଉଚ୍ଚ ବିଦ୍ୟାଳୟର ଛାତ୍ର ଶଶାଙ୍କ ଦଳାଇ ଉଭୟ ୫୪୦ ନମ୍ବର ରଖି ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ସଫଳତା ପାଇଁ ବେଳାଭୂମି ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ପ୍ରଶାନ୍ତ ସ୍ୱାଇଁ, ଐଶାନେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ କାହ୍ନୁ ଚରଣ ମହାନ୍ତି ଓ ଜନତା ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପରିଡ଼ା, ଉଭୟଙ୍କ ଅଭିଭାବକଙ୍କୁ ଅଞ୍ଚଳବାସୀ ଏବଂ ସମସ୍ତ ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

## ଶୁଭମ୍ ଦାସ ଗୋପ ବ୍ଲକ୍ ଟପ୍ପର

ଗୋପ,୩।୫(ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଗୋପ ବ୍ଲକ୍‌ରେ ୧୯ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପଞ୍ଚସଖା ଭକ୍ତ ବଳରାମ ପୀଠ, ବେଗୁନିଆର ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏହି ବିଦ୍ୟାଳୟରେ ଆଶୁତୋଷ ପ୍ରଧାନ ୫୪୮ ନମ୍ବର ରଖି ଏ୧ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ନୟାହାଟ ଉଚ୍ଚ ବିଦ୍ୟାଳୟର ଶୁଭମ୍ ଦାସ ୫୬୮, ନୟାହାଟ ଉଚ୍ଚ ବିଦ୍ୟାଳୟର ରାମଚନ୍ଦ୍ର ଦୀକ୍ଷିତ୍ ୫୬୨, ରୁଦ୍ରକ୍ଷା ରଞ୍ଜନ ମୁଦୁଲି ୫୪୮, ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ହରପ୍ରସାଦ ସ୍ୱାଇଁ ୫୬୧, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଦ୍ୟୁତିମାନ୍ ସ୍ୱାଇଁ ୫୫୫, ହରିଶ୍ଚନ୍ଦ୍ର ମେମୋରିଆଲ ଉଚ୍ଚ ବିଦ୍ୟାଳୟ ଛଇତନାର ପ୍ରିୟଦର୍ଶିନୀ ସ୍ୱାଇଁ ୫୪୯, ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠର ଆଶୁତୋଷ ପ୍ରଧାନ ୫୪୮, ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ଚଢ଼େଇଗାଁର ଅର୍ପିତା ସ୍ୱାଇଁ ୫୪୭, ବନ୍ତଲୀ ଗ୍ରାମ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ୫୪୫, ଗଣେଶ ସିହ୍ନା ୫୪୧, ଗଣେଶ୍ୱରପୁର ବାଳିକା ଉଚ୍ଚ ବିଦ୍ୟାଳୟର ରିମ୍‌ଝିମ୍ ବେହେରା ୫୪୫, ବନ୍ତଲୀ ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ସୁନିଲ୍ ଚାଟାର୍ଜୀ ୫୪୨, ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟର ସିମ୍ରନ୍ ପ୍ରିୟଦର୍ଶିନୀ ସାହୁ ୫୪୨ ମାର୍କ, ଏରବଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟର ଆଶୁତୋଷ ସ୍ୱାଇଁ, ଗଣେଶ୍ୱର ଉଚ୍ଚ ବିଦ୍ୟାଳୟର ଗାୟତ୍ରୀ ନାୟକ, ହରିଶ୍ଚନ୍ଦ୍ର ମେମୋରିଆଲ ଉଚ୍ଚବିଦ୍ୟାଳୟର ରାହୁଲ ମୁଦୁଲି, ନୟାହାଟ ଉଚ୍ଚ ବିଦ୍ୟାଳୟର ପାୟଲ ଦୀକ୍ଷିତ୍, ପ୍ରୀତିରଞ୍ଜନ ସାହୁ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର କୋଣାର୍କର ଶୁଭଶ୍ରୀ ନନ୍ଦି ୫୪୦ ନମ୍ବର ରଖି ଏ୧ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି।

**● ଅମରେଶ୍ୱର ଓ ଭୋଦର ହାଇସ୍କୁଲର ସଫଳତା**

## ଶୁଭଶ୍ରୀଙ୍କୁ 'ଏ-୧' ଓ ଆଶିଷଙ୍କୁ 'ଏ-୨' ଗ୍ରେଡ୍



ଚାରିଛକ,୩।୫(ସମିସ): ପୁରୀ ଜିଲ୍ଲା ଚାରିଛକ ଅଞ୍ଚଳରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଦୁଇଟି ପ୍ରମୁଖ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅମରେଶ୍ୱର ହାଇସ୍କୁଲର ଛାତ୍ରୀ ଶୁଭଶ୍ରୀ ସାହୁ ଏବଂ ଭୋଦର ହାଇସ୍କୁଲର ଛାତ୍ର ଆଶିଷ କୁମାର ନିଜ ନିଜ ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଶୁଭଶ୍ରୀ ସାହୁ ୫୪୮ ନମ୍ବର ରଖି 'ଏ୧' ଓ ଆଶିଷ କୁମାର ୫୨୯ ନମ୍ବର ରଖି 'ଏ୨' ଗ୍ରେଡ୍ ପାଇବା ସହ ନିଜ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ଖବର ପ୍ରସାରିତ ହେବା ପରେ ଉଭୟ ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଶୁଭଶ୍ରୀଙ୍କ ବାପା ପ୍ରକାଶ ସାହୁ ଓ ମାଆ ଲିଲି ସାହୁ ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଆଶିଷଙ୍କ ବାପା ସମୀର ବାରିକ ଓ ମାଆ ମାନସୀ ବାରିକ ମଧ୍ୟ ଭୋଦର ହାଇସ୍କୁଲର ସମସ୍ତ ଗୁରୁଜୀ ଓ ଗୁରୁମାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଦୁଇ କୃତୀ ଛାତ୍ରଛାତ୍ରୀଙ୍କୁ ସମାଜସେବୀ ତଥା ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ ସାଧୁବାଦ ଜଣାଇଛନ୍ତି।

## 'ପଞ୍ଚସଖା ଶିକ୍ଷା ସେତୁ' ସଚେତନତା ଅଭିଯାନ

# ସ୍କୁଲ ରୂପାନ୍ତରଣ ପାଇଁ ନୂଆ ପଦକ୍ଷେପ



ବାଙ୍ଗୁରିଗାଁ,୩।୫(ସମିସ): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ପୂର୍ବରୁ ପ୍ରଚଳିତ "ମୋ ସ୍କୁଲ ଅଭିଯାନ'ର ନାମ ପରିବର୍ତ୍ତନ କରାଯାଇ ଏବେ ଏହାକୁ "ପଞ୍ଚସଖା ଶିକ୍ଷା ସେତୁ' (ପିଏସ୍‌ଏସ୍) ଭାବେ ନୂତନ ରୂପ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ବାଙ୍ଗୁରିଗାଁ ବାଳିକା ଉଚ୍ଚ ବିଦ୍ୟାଳୟ ତରଫରୁ ଶ୍ରୀଚନ୍ଦନପୁର ମା' ଜାଗେଶ୍ୱରୀ ମନ୍ଦିର ପରିସରରେ ଏକ ବୃହତ୍ ସଚେତନତା ଓ ସଂଗଠନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଏହି ଅଭିଯାନ ମାଧ୍ୟମରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ଶିକ୍ଷାନୁଷ୍ଠାନ ସହ ଯୋଡ଼ିବା ପାଇଁ ପ୍ରୟାସ କରାଯାଉଛି। ବିଦ୍ୟାଳୟର ଭିତ୍ତିଭୂମି ଉନ୍ନୟନ ପାଇଁ ଏକ ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇଛି। ଏହି ସଭାରେ ପଞ୍ଚାୟତର ବରିଷ୍ଠ ସମାଜସେବୀ ଶିକ୍ଷକ ଶୈଳନ୍ୟ କୁମାର ପାତ୍ର ଯୋଗଦେଇ କହିଥିଲେ ଯେ, "ପଞ୍ଚସଖା ଶିକ୍ଷା ସେତୁ' କେବଳ ଏକ ଯୋଜନା ନୁହେଁ, ବରଂ ଏହା ସମାଜ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ଏକ ସଂଯୋଗକାରୀ ସେତୁ। ବିଦ୍ୟାଳୟର ଚାରୋଟି ମୁଖ୍ୟ ସ୍ତମ୍ଭ ଦାନ, ସ୍ୱେଚ୍ଛାସେବା, ଅଂଶଗ୍ରହଣ ଏବଂ ସହଯୋଗ ଉପରେ ଏହି ଅଭିଯାନ ଆଧାରିତ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର ମାହାଲୀ, ଶିକ୍ଷୟିତ୍ରୀ ସାଗରିକା ମିଶ୍ର, ତିଲୋତ୍ତମା ଖଟୋଇ, ଜ୍ଞାନ ରଞ୍ଜନ ମିଶ୍ର, ସୁଶାନ୍ତ ପ୍ରଧାନ, ଆଲୁମ୍‌ନି କମିଟି ସଭାପତି ସବିତା ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି ଈଶ୍ୱର ପାତ୍ର, ପରିଚାଳନା କମିଟିର ସଭ୍ୟବୃନ୍ଦ ଗ୍ରାମବାସୀଙ୍କୁ ଏହି ଅଭିଯାନରେ ସାମିଲ୍ ହୋଇ ନିଜ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିବେଦନ କରିଥିଲେ।

**କଣାସ:** 'ପଞ୍ଚସଖା ଶିକ୍ଷା ସେତୁ' ଯୋଜନାର ସଫଳ ରୂପାୟଣ ସହ ଏଥିରେ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷା ପ୍ରେମୀ ତଥା ଲୋକପ୍ରତିନିଧିମାନଙ୍କୁ ପ୍ରତ୍ୟେକ ବିଦ୍ୟାଳୟରେ ସାମିଲ୍ ଲକ୍ଷ୍ୟରେ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶନିବାର କଣାସ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଆୟୋଜିତ 'ପଞ୍ଚସଖା ଶିକ୍ଷା ସେତୁ' ସଚେତନତା ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ସହ ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ କଣାସ ବ୍ଲକ୍ ଶିକ୍ଷା ଅଧିକାରୀ



ରାମଚନ୍ଦ୍ର ବେହେରା, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନାନକେର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଚେତନତା ସଭାରେ ଯୋଗଦେଇ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷା ପ୍ରେମୀ, ଲୋକ ପ୍ରତିନିଧିମାନଙ୍କୁ ଏହି ଯୋଜନାରେ ସେମାନଙ୍କ ସହଯୋଗ ଓ ବିଦ୍ୟାଳୟର ବିକାଶରେ ଅଂଶଗ୍ରହଣର ସୁଯୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ ବେହେରା, ଡିଏନ୍‌ଓ ପ୍ରଦୀପ ସ୍ୱାଇଁ, ଶ୍ରୀକୁମାର ଆଚାର୍ଯ୍ୟ ଓ ରମାକାନ୍ତ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ସାକ୍ଷୀଗୋପାଳ:** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ କାଦୁଆ ପଞ୍ଚାୟତର କାଦୁଆ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗିଣ ଉନ୍ନତି କରାଯିବ ବୋଲି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପଞ୍ଚସଖା ଶିକ୍ଷା ସେତୁ ବୈଠକରେ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଶନିବାର ଅନୁଷ୍ଠିତ ଏହି ବୈଠକରେ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ପଣ୍ଡା ପ୍ରଧାନଶିକ୍ଷୟିତ୍ରୀ କଳ୍ପନା କୁମାରୀ ବେହେରା, ସିଆର୍‌ସିସି ସୁନୀଲ କୁମାର ବେହେରା, ଆଇଇଡି ଶିକ୍ଷକ ବିରଞ୍ଚି ପ୍ରସାଦ ପାଣି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧୁସୂଦନ ମହାପାତ୍ର, ଆଲୁମ୍‌ନି କମିଟି ସଭାପତି ରଞ୍ଜନ କୁମାର ସ୍ୱାଇଁ, ସୁରେଶ ସାହୁ, ଭ୍ରମରବର ରାଉତ, ସଚଳା ପରମାଣିକ, ସୁଜାତା ସ୍ୱାଇଁ ପ୍ରମୁଖ ୩୦ ଜଣ ସଦସ୍ୟ ଓ ସଦସ୍ୟା ଯୋଗଦେଇଥିଲେ। ଆଲୁମ୍‌ନି କମିଟି ସଭାପତି ରଞ୍ଜନ କୁମାର ସ୍ୱାଇଁ ଏହି ବୈଠକ ପରିଚାଳନା କରିଥିଲେ। ବାଉରୀବନ୍ଧୁ ମହାପାତ୍ର ମଧୁସୂଦନ ମହାପାତ୍ର, ଭ୍ରମରବର ରାଉତ, ସତ୍ୟବାଦୀ ମାଝୀ, ସତ୍ୟନାରାୟଣ ପ୍ରଧାନ, ରବୀନ୍ଦ୍ର ପରିଡ଼ା, ଜଗନ୍ନାଥ ମଲ୍ଲିକ, ରଞ୍ଜନ ସ୍ୱାଇଁ, ପ୍ରଶାନ୍ତ ପତି, ସାଗରିକା ମଲ୍ଲିକ, ମନୋଜ ଚାଟାର୍ଜୀ ପ୍ରମୁଖ ଅର୍ଥରାଶି ସହାୟତା ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।



# ରାମଚଣ୍ଡୀଙ୍କ ଜମି ବିକ୍ରି ଅଭିଯୋଗ

**ଓଡ଼ଗାଁ,୩।୫(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ସାଗର ପୁଷ୍କରିଣୀ ନିକଟରେ ବିଜେ ମା'ରାମଚଣ୍ଡୀଙ୍କ ନାମରେ ଉଦ୍ଦିଷ୍ଟ ଜମି ବିକ୍ରି କରିବା ଉଦ୍ୟମ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଦାନକର୍ତ୍ତା ପରିବାର ସଦସ୍ୟ ଓ ଗ୍ରାମବାସୀମାନେ କରିଛନ୍ତି। ଅଭିଯୋଗକାରୀମାନେ ତତ୍ତ୍ୱାବଧାରକ ପରିବର୍ତ୍ତନ ସହ ମା' ରାମଚଣ୍ଡୀଙ୍କ ଜମିର ସୁରକ୍ଷା ନିମନ୍ତେ ପ୍ରଶାସନ ତତ୍କାଳ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏଥିରେ ଅବହେଳା କରାଗଲେ ଜନଆନ୍ଦୋଳନ ଆରମ୍ଭ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।



ଓଡ଼ଗାଁ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ସହ ଜମିର ସୁରକ୍ଷା ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଓଡ଼ଗାଁ ଏନଏସି ଅନ୍ତର୍ଗତ ମୌଜା ଦଲକ, ଖାତା ନମ୍ବର ୫୫୫ ଓ ପ୍ଲଟ ନମ୍ବର ୭୫୯ରେ ଥିବା ଏକର ୧.୩୪ ଡିସିମିଲି ରଖିତ ଅନାବାଦୀ "ଗ୍ରାମ୍ୟ ଜଙ୍ଗଲ' ଜମି ପ୍ରାୟ ଶହେବର୍ଷ ପୂର୍ବରୁ ଖଲି ଭୋଲ ପିତା- ଈଶ୍ୱର ଭୋଲ ମା' ରାମଚଣ୍ଡୀଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ। ବର୍ତ୍ତମାନ ମା'ଙ୍କ ସେବାୟତ ଓ ତତ୍ତ୍ୱାବଧାରକ ଗନ୍ଧର୍ବ ପଣ୍ଡା ଏହି ଜମିକୁ ପ୍ଲଟିଂ କରି ବିକ୍ରି କରିବା ପାଇଁ ଉଦ୍ୟମ କରୁଥିବା ଜୟକୃଷ୍ଣ ଭୋଲ, ମହେଶ୍ୱର ଭୋଲ, ଶ୍ରୀଧର ଭୋଲ, ବୁଦ୍ଧିବାମନ ଭୋଲ ଓ ଶେଷଦେବ ଭୋଲଙ୍କ ସହ ଗ୍ରାମବାସୀମାନେ ଅଭିଯୋଗ ଏପରିକି, ଅଭିଯୋଗକୁ ତତ୍ତ୍ୱାବଧାରକ ଗନ୍ଧର୍ବ ପଣ୍ଡା ସଂପୂର୍ଣ୍ଣ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ମା'ଙ୍କ ନାମରେ ଥିବା ଏହି ଜମିର କିଛି ଅଂଶ ଚତୁଃପାଶ୍ୱର୍ରେ ଥିବା କେତେକ ବ୍ୟକ୍ତି ଦଖଲ କରି ଘର ନିର୍ମାଣ କରିଛନ୍ତି। ଫଳରେ ଜମିର ପରିମାଣ କମିଯାଉଛି। ଜମିକୁ ସୁରକ୍ଷା ଦେବା ପାଇଁ ଚତୁର୍ଦ୍ଦିଗରେ ଆବଦ୍ଧ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ସ୍ଥାନରେ ଖୁଣ୍ଟ ପୋତାଯାଇଛି। ସେ ଆହୁରି କହିଛନ୍ତି ଯେ, ଉକ୍ତ ଜମିକୁ ମା' ରାମଚଣ୍ଡୀଙ୍କ ନାମରେ ସ୍ଥାୟୀ ଭାବେ ରଖିବା ପାଇଁ ସେ ବିଭିନ୍ନ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗିରହିଥିବା ବେଳେ ପ୍ରଶାସନ କିପରି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଜିଲ୍ଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ମାଟ୍ରିକ ପରୀକ୍ଷା ଫଳ ଖୋଲିଲା ରହସ୍ୟ

# ପ୍ରମୁଖ ବିଦ୍ୟାଳୟରେ ନାହାନ୍ତି ଏ-୧

**ନୟାଗଡ଼,୩।୫(ସମିସ)**

ନୟାଗଡ଼ ଜିଲ୍ଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ପୋଲ୍ ଖୋଲିଛି ମାଟ୍ରିକ ପରୀକ୍ଷା ଫଳ। ଜିଲ୍ଲାର ୨୪୬ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୩୬ ବିଦ୍ୟାଳୟର ୫୨ ଛାତ୍ରଛାତ୍ରୀ ଏ-୧ରେ ପାସ୍ କରିଛନ୍ତି। ସେଥିମଧ୍ୟରୁ ୪ଟି ଘରୋଇ ସ୍କୁଲର ୧୦ ଛାତ୍ରଛାତ୍ରୀ ଏ-୧ ପାଇଛନ୍ତି। ନୟାଗଡ଼ ସରସ୍ୱତୀ ପ୍ରମୁଖ ଶିକ୍ଷାନୁଷ୍ଠାନ ରହିଛି। ଏ-୧ ତାଲିକାରେ ଦଶପଲ୍ଲା ବ୍ଲକର କୌଣସି ବିଦ୍ୟାଳୟ ନ ଥିବା ବେଳେ ଭାପୁର ବ୍ଲକରୁ ଜଣେ, ଗଣିଆ ବ୍ଲକରୁ ଜଣେ ରହିଛନ୍ତି। ନୂଆଗାଁ ବ୍ଲକରେ ୩ ଜଣ ଏ-୧ ତାଲିକାରେ ଥିବା ବେଳେ ରଣପୁର, ଓଡ଼ଗାଁ, ନୟାଗଡ଼ ଓ ଖଣ୍ଡପଡ଼ା ବ୍ଲକରୁ ଯାହା କିଛି ଏ-୧ ମିଳିଛି। ଜିଲ୍ଲାର ୨୧ ପିଏମଶ୍ରୀ ବିଦ୍ୟାଳୟ ମଧ୍ୟରୁ ୫ ବିଦ୍ୟାଳୟ ଏ-୧ ତାଲିକାରେ ସାମିଲ ହୋଇଥିବା ବେଳେ ୧୬

- ଗଣିଆରେ ୧, ଭାପୁରରେ ୧; ଦଶପଲ୍ଲା ବ୍ଲକ ଏ-୧ ଶୂନ୍ୟ
- ୩୬ ବିଦ୍ୟାଳୟକୁ ୫୨ ଏ-୧; ୨୧ ପିଏମଶ୍ରୀରୁ ୧୬ରେ ଶୂନ

ଶିଶୁ ବିଦ୍ୟା ମନ୍ଦିର ୫, ଖଣ୍ଡପଡ଼ା ଶ୍ରୀଅରବିନ୍ଦ ବିଦ୍ୟାଳୟ ୨, ରାଜସୁନାଖଳା ଶ୍ରୀଅରବିନ୍ଦ ବିଦ୍ୟାଳୟ ୧, ନୟାଗଡ଼ ରାମକୃଷ୍ଣ ଶିକ୍ଷାନୁଷ୍ଠାନ ୧, ଶରଣକୁଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ଗୋଟିଏ ଲେଖାଏଁ ଏ-୧ ସଫଳତା ମିଳିଛି। ଏହାକୁ ବାଦ ଦେଲେ ୩୨ ସରକାରୀ ଶିକ୍ଷାନୁଷ୍ଠାନରୁ ୪୨ ଜଣ ଏ-୧ ପାଇଛନ୍ତି। ସେଥିମଧ୍ୟରେ ରଣପୁର ବ୍ଲକ ଗୋପାଳପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ୪ ଜଣ, ଗୋବିନ୍ଦପୁର ଭାଗୀରଥି ଉଚ୍ଚ ବିଦ୍ୟାଳୟରୁ ୩ ଜଣ ଏ-୧ ପାଇଛନ୍ତି। ୨୪୬ ବିଦ୍ୟାଳୟରୁ ୩୬ ବିଦ୍ୟାଳୟରେ ଏ-୧ ଛାତ୍ରଛାତ୍ରୀ ନାହାନ୍ତି। ଏହା ମଧ୍ୟରେ ଜିଲ୍ଲାର ଅନେକ ବିଦ୍ୟାଳୟରେ ଫଳାଫଳ ଦେଖିଲେ ଲୋକେ ହସୁଛନ୍ତି। ଏହି ୧୬ ବିଦ୍ୟାଳୟ ମଧ୍ୟରେ ପଦ୍ମାବତୀ ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟ, ମଧ୍ୟଖଣ୍ଡ ନୋଡାଲ ହାଇସ୍କୁଲ, ସାତପାଟଣା ଆରଏମଜେ ଉଚ୍ଚ ବିଦ୍ୟାଳୟ, ଗଣିଆ କିଶୋର ଚନ୍ଦ୍ର ବିଦ୍ୟାପୀଠ, ବେଣାଗାଡ଼ିଆ ଏସବି ହାଇସ୍କୁଲ, ଖଣ୍ଡପଡ଼ା ଆର୍‌ସି ହାଇସ୍କୁଲ, ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ନୟାଗଡ଼ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସୋଲପଟା ସରକାରୀ ଉଚ୍ଚ ବିଦ୍ୟାଳୟ, କୁଲୁରୁକୁମ୍ପା ସରକାରୀ ଉଚ୍ଚ ବିଦ୍ୟାଳୟ, ଦଶପଲ୍ଲା ବାଳିକା ଉଚ୍ଚ ବିଦ୍ୟାଳୟ, କଣ୍ଟିଲୋ କୁଞ୍ଜବିହାରୀ ଉଚ୍ଚ ବିଦ୍ୟାଳୟ, ଚଣ୍ଡିବସ୍ତ ରାଧାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ନୟାଗଡ଼ ଏନଏସି ଉଚ୍ଚ ବିଦ୍ୟାଳୟ, ନୂଆଗାଁ ହାଇସ୍କୁଲ, ଶରଣକୁଳ ନାରାୟଣୀ ହାଇସ୍କୁଲ ରହିଛି। ଏହି ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ଏ-୧ ନ ପାଇବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ରାଜନୈତିକ ଚାପ ଓ ସୁପାରିସ ଆଧାରରେ ଏହି ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି କରାଯାଇଥିବା ଅଭିଯୋଗ ଉଠିଛି। ଅଣଦକ୍ଷତା ସମ୍ପନ୍ନ ଶିକ୍ଷକଙ୍କୁ ଏହି ବିଦ୍ୟାଳୟଗୁଡ଼ିକରୁ ତୁରନ୍ତ ବଦଳି ନ କଲେ ପିଏମଶ୍ରୀ ବିଦ୍ୟାଳୟ ମାନ୍ୟତା କେବଳ ମାନ୍ୟତାରେ ରହିଯିବ ବୋଲି ଆଲୋଚନା ହେଉଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ପାଇଁ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଆଜି ବିପର୍ଯ୍ୟସ୍ତ ବୋଲି ଆଲୋଚନା ହେଉଛି।

## ଚର୍ଚ୍ଚାରେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ | ସମସ୍ୟାରେ ଜର୍ଜରିତ, ଦେଲା ଜିଲ୍ଲା ଟପ୍ପର

**ନୟାଗଡ଼:** ନୟାଗଡ଼ ଜିଲ୍ଲାରେ ସଦର ବ୍ଲକ କ୍ରିଦାଶପୁର ପଞ୍ଚାୟତରେ ଅବସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ୩୪ ବର୍ଷ ମଧ୍ୟରେ ବିଦ୍ୟାଳୟ ସରକାରୀ ମାନ୍ୟତା ପାଇ ପାରି ନ ଥିବା ବେଳେ ୨୦୦୪ରେ ବ୍ଲକ ଗ୍ରାଣ୍ଟ ପାଇଥିଲା। ବିଦ୍ୟାଳୟ ନିର୍ମାଣ ସମୟରେ ନିଯୁକ୍ତି ପାଇଥିବା ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରୁ ଜଣେ ଶିକ୍ଷକ, ଜଣେ କିରାଣି ଓ ଜଣେ ରାତ୍ର ଜଗୁଆଳ ଅବସର ଗ୍ରହଣ କରି ସାରିଲେଣି। ବିଦ୍ୟାଳୟରେ ୨ ଶିକ୍ଷକ, ଜଣେ କିରାଣିଙ୍କ ଆବଶ୍ୟକତା ଥିବା ବେଳେ ନାନି ସମସ୍ୟାରେ ବିଦ୍ୟାଳୟ ଚାଲୁଛି। ବ୍ଲକଗ୍ରାଣ୍ଟ ବିଦ୍ୟାଳୟ ହୋଇଥିବାରୁ ସରକାରୀ ଅନୁଦାନ ଦୂର କଥା ସାମାନ୍ୟ ବିଦ୍ୟୁତ୍ ବିଲ୍ ପ୍ରଦାନ ଓ କମ୍ପ୍ୟୁଟର ପାଇଁ ଶିକ୍ଷକମାନେ ସମସ୍ୟା ଭୋଗୁଛନ୍ତି। ସମସ୍ୟା ଭିତରେ ଜର୍ଜରିତ ଏହି ବିଦ୍ୟାଳୟ ପ୍ରତ୍ୟେକ ବର୍ଷ ଭଲ ରେଜଲ୍ଟ ପାଇଁ ଆଖପାଖ ୩ ପଞ୍ଚାୟତର ଛାତ୍ରଛାତ୍ରୀ ଏହାକୁ ଚୟନ କରୁଥିବା ବେଳେ ସରକାରଙ୍କ ଦୃଷ୍ଟି ପଡ଼ୁନି। ଚଳିତ ବର୍ଷ ଏହି ବିଦ୍ୟାଳୟ ଜିଲ୍ଲା ଟପ୍ପର ଦେଇ ଚର୍ଚ୍ଚାକୁ ଆସିଥିବା ବେଳେ ଏହାର ଦୁରବସ୍ଥା ସମ୍ପର୍କରେ କେହି ଆଡ଼ ଆଖିରେ ଅନାଉ ନାହାନ୍ତି। ଆଜି ଉକ୍ତ ବିଦ୍ୟାଳୟର ଛାତ୍ର ସରୋଜ କୁମାର ଜେନାଙ୍କ ସଫଳତା ପାଇଁ ଶୁଭେଚ୍ଛାର ସୁଅ ଛୁଟୁଥିବା ବେଳେ ବିଦ୍ୟାଳୟର ଭବିଷ୍ୟତକୁ ନେଇ ଅଞ୍ଚଳବାସୀ ଆଶଙ୍କାରେ ରହିଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ବିଦ୍ୟାଳୟର ଅଧିକାଂଶ



ଶିକ୍ଷକ ଅବସର ଗ୍ରହଣ କରିବା ପରେ ସ୍ଥାନୀୟ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ସମ୍ଭାବନା ଦେଖାଯାଉଛି। ସରୋଜଙ୍କ ସଫଳତାକୁ ନେଇ ଆଜି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଉତ୍ସାହର ମାହୋଲ ସୃଷ୍ଟି ହୋଇଛି। ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପତିଙ୍କ ତତ୍ତ୍ୱାବଧାନରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ସଞ୍ଜୁବାଳା ବିଶ୍ୱାଳ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସରୋଜଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# ଜରିପାଲ ତଳେ ବିତୁଛି ଖବରକାଗଜ ବିତରକଙ୍କ ଜୀବନ

**ରଣପୁର,୩।୫(ସମିସ):** ସରକାର ଗରିବଙ୍କ ପାଇଁ ଅନେକ ଯୋଜନା କରି ଚାଲିଛନ୍ତି। ତେବେ ଯୋଜନା ସବୁ ଲୋକଙ୍କ ପାଖରେ ଅପହଞ୍ଚ ହୋଇଛି। ଲୋକଙ୍କ ଝାଟିମାଟି କଚ୍ଚା ଘରକୁ ପକ୍କାଘର କରିବା ପାଇଁ ସରକାର ଆବାସ ଯୋଜନାରେ ଘର ଯୋଗାଇ ଦେଉଛନ୍ତି। କିନ୍ତୁ ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ବହୁ ଗରିବ ପରିବାର ବଞ୍ଚିତ ହେଉଛନ୍ତି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଲୋଧାଚୁଆ ପଞ୍ଚାୟତ କୋଇଲମା ଗାଁର ପ୍ରଦୀପ୍ତ କୁମାର ମହାପାତ୍ର (୫୫)ଙ୍କ କ୍ଷେତ୍ରରେ।



## ଆବାସ ଯୋଜନା ପାଲଟିଛି ସାତସପନ

ପ୍ରଦୀପଙ୍କ ପରିବାରର ୩ ସଦସ୍ୟ ଏକ ବିପଦସଂକୁଳ ଚାଳଛପର ଘରେ ଜୀବନ କାଟୁଛନ୍ତି। ବର୍ଷା ଦାଉରୁ ରକ୍ଷା ପାଇଁ ଚାଳ ଉପରେ ଏକ ପଲିଥିନ ଘୋଡ଼ାଇଥିବା ବେଳେ ମାଟି କାନ୍ଥ ମଧ୍ୟ ଦୁର୍ବଳ ଅବସ୍ଥାରେ ରହିଛି। ପ୍ରଦୀପଙ୍କ କହିବା ଅନୁଯାୟୀ, ଖବରକାଗଜ ବାଣ୍ଟି ସେ ପରିବାର ପ୍ରତିପୋଷଣ କରିଥାନ୍ତି। ତାଙ୍କ ସ୍ତ୍ରୀ ଜଣେ ମାନସିକ ଭିନ୍ନକ୍ଷମ ହେଇଥିବା ବେଳେ ପ୍ରଦୀପ ନିଜେ ଜଣେ ଶାରୀରିକ ଦିବ୍ୟାଙ୍ଗ ବ୍ୟକ୍ତି। ଘର ଖଣ୍ଡିଏ ତିଆରି କରିବା ତାଙ୍କ ପକ୍ଷରେ ବହୁ କଷ୍ଟସାଧ ହୋଇପଡ଼ିଛି। ପକ୍କା ଘରଟିଏ ନ ଥିବାରୁ ଖରାଦିନେ ଖୋଲା ଆକାଶ ତଳେ ରୋଷେଇ କରୁଥିବା ବେଳେ ବର୍ଷାଦିନେ ରୋଷେଇ କରିବା ମଧ୍ୟ ବନ୍ଦ ହୋଇ ଯାଇଥାଏ। ଓଳିଏ ଖାଇଲେ ଓଳିଏ ଉପବାସ ରୁହନ୍ତି ପରିବାର ଲୋକେ। ପ୍ରଶାସନ ଗରିବଙ୍କୁ ଅନ୍ଧପୁଟୁଳି ବାନ୍ଧି ଥିଲାବାଲାଙ୍କୁ ଆବାସ ଯୋଜନା ଯୋଗାଇ ଦେଉଥିବାବେଳେ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ରହିଛନ୍ତି। ଆବାସ ଯୋଜନାରେ ଘର ପାଇଁ ଅନେକବାର ବ୍ଲକଠାରୁ ଆରମ୍ଭ କରି ପଞ୍ଚାୟତକୁ ଦଉଡ଼ି ଦଉଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ପ୍ରଦୀପ ନିରାଶ ହୋଇଛନ୍ତି। ତୁରନ୍ତ ତାଙ୍କ ପରିବାରକୁ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଯାତ୍ରା

**କଣ୍ଟିଲୋ,୩।୫(ସମିସ):** ଖଣ୍ଡପଡ଼ା ବ୍ଲକ ଗୋପୀନାଥପୁର ଗ୍ରାମ ଉପକଣ୍ଠସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ଶୂଳିଆ ଠାକୁରାଣୀଙ୍କ ମନ୍ଦିରର ୩ୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ରବିବାର ଗାଁର ଶତାଧିକ ପୁରୁଷ ମହିଳା ବାଣପୁର ମହାନଦୀ ଘାଟରୁ ପୂର୍ଣ୍ଣ ଜଳ କଳସ ଧାରଣ କରି ଗ୍ରାମ ପରିକ୍ରମା କରି ମନ୍ଦିର ପରିସର ଯଜ୍ଞସ୍ଥଳରେ ସ୍ଥାପନ କରିବା ପରେ ଅଙ୍କୁରାରୋପଣ ଓ ମଣ୍ଡଳକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସୋମବାର ଚତୁଃ ପ୍ରହର ନାମ ସଂକୀର୍ତ୍ତନ, ବିଶ୍ୱଶାନ୍ତି ମହାଯଜ୍ଞ, ଅନ୍ନଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# କ୍ଷେତ ମଜଦୁର ୟୁନିଅନ ଜିଲ୍ଲା ସମ୍ମିଳନୀ

**ନୟାଗଡ଼,୩।୫(ସମିସ):** ଓଡ଼ିଶା କ୍ଷେତ ମଜଦୂର ୟୁନିଅନ ନୟାଗଡ଼ ଜିଲ୍ଲା ସମ୍ମିଳନୀ ଅବସରରେ କଷ୍ଟିଡାକୁଆ ଭବନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ବନ୍ଦ କରିଥିବା ମହାଆଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ପୁନଃ ପ୍ରଚଳନ ଓ ଦୈନିକ ସାତଶହ ଟଙ୍କା ମଜୁରୀ ସହିତ ଦୁଇଶହ ଦିନର କାମ ନିମନ୍ତେ ଆନ୍ଦୋଳନ ଗଢି ତୋଳିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରମିକ ନେତା ଶରତ ଚନ୍ଦ୍ର ବେହେରା ଲାଲ୍ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳନୀରେ ଅଧକ୍ଷତା କରିଥିଲେ। ସମ୍ମିଳନୀକୁ ଉଦଘାଟନ କରି ସଂଗଠନର ରାଜ୍ୟ ସଂପାଦକ କମ୍ରେଡ୍ ନିର୍ମଳ ଚନ୍ଦ୍ର ନାୟକ କେନ୍ଦ୍ର ସରକାରର ଶ୍ରମିକ ବିରୋଧୀ ନୀତିକୁ କଟୁ ସମାଲୋଚନା କରିବା ସହିତ କାମ ଅଭାବରୁ କ୍ଷେତ ମୂଲିଆ ଓ ଅଭାବୀ ଚାଷୀମାନେ କିଭଳି ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି, ତାହାର ନିଛକ ଚିତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଜିଲ୍ଲାରେ



ଦୁର୍ବାର ମୂଲିଆ ତଥା ଭାଗଚାଷୀ ଆନ୍ଦୋଳନ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ସଂଗଠନର ଜିଲ୍ଲା ସଂପାଦକ ଦୁଃଶାସନ ଜେନା ରିପୋର୍ଟ ଉପସ୍ଥାପିତ କରିଥିଲେ। ଆଠଟି ବ୍ଲକର ପ୍ରତିନିଧିମାନେ ଆଲୋଚନା କରିଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ବିଶିଷ୍ଟ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, କୃଷକ ନେତା ପବିତ୍ର ଇନ୍ଦ୍ରଜିତ, କ୍ଷେତ ମୂଲିଆ ୟୁନିଅନର ରାଜ୍ୟ କର୍ମକର୍ତ୍ତା ନିତ୍ୟାନନ୍ଦ ପରିଡ଼ା ପଚ୍ଛୁଆ ଜିଲ୍ଲା ନୟାଗଡ଼ରେ ପ୍ରତି ପଞ୍ଚାୟତରେ ସଂଗଠନ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ନୂତନ ସଭାପତି ଭାବେ କମ୍ରେଡ୍ ବିରଞ୍ଚି ନାୟକ, ଉପସଭାପତି ଭାବେ ସାଥୀ ଶରତ ଚନ୍ଦ୍ର ବେହେରା ଓ ଜୟନ୍ତୀ ମହାରଣା, ସଂପାଦକ ଭାବେ ଦୁଃଶାସନ ଜେନା, ଯୁଗ୍ମ ସଂପାଦକ ଭାବେ ପ୍ରଭାତ ବେହେରା ଓ ଅଶୋକ ନାୟକଙ୍କ ସହିତ ଏକ ସତର ଜଣିଆ ଜିଲ୍ଲା କମିଟି ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।

# ଗଣିଆ ବ୍ଲକରେ ଭୁଶୁଡୁଛି ଶିକ୍ଷା ବ୍ୟବସ୍ଥା

**ନୟାଗଡ଼,୩।୫(ସମିସ):** ଗଣିଆ ବ୍ଲକରେ ଦିନକୁ ଦିନ ଭୁଶୁଡୁଛି ଶିକ୍ଷା ବ୍ୟବସ୍ଥା। ଏ ଦିଗରେ ଆନ୍ତରିକତା ଅଭାବ ନା ହେୟଜ୍ଞାନ ବୋଲି ପ୍ରଶ୍ନ ଉଠିଛି। ଏଭଳି ଅନେକ ଅସମାହିତ ପ୍ରଶ୍ନ ଉଙ୍କି ମାରୁଛି ଅଭିଭାବକଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ। ମାଟ୍ରିକ ପରୀକ୍ଷାରେ ଗଣିଆ ବ୍ଲକର ଶତ ପ୍ରତିଶତ ରେଜଲ୍ଟ କରିଥିବା ବେଳେ ୭ ସ୍କୁଲରୁ ୧୩ ଜଣ ଛାତ୍ରଛାତ୍ରୀ ଫେଲ୍ ହୋଇଛନ୍ତି। ଏପରିକି ୬୪ ଜଣ ଛାତ୍ରଛାତ୍ରୀ ଇ ଗ୍ରେଡରେ ପାସ୍ କରିଛନ୍ତି। ଅର୍ଥାତ୍ ଫେଲ୍ ହେଉହେଉ ବର୍ତ୍ତି ଯାଇଛନ୍ତି। ୫୪୦ ମାର୍କ ରଖି ଆଡ଼କଟା ବିଦ୍ୟାଳୟର ବର୍ଷାରାଣୀ ଜେନା ଏ-୧ ଗ୍ରେଡରେ

## ● ଆନ୍ତରିକତା ଅଭାବ ନା ହେୟଜ୍ଞାନ

୯ଟି ଉଚ୍ଚ ବିଦ୍ୟାଳୟର ୪୩୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୪୨୧ ଜଣ ପାସ୍ କରିଛନ୍ତି। ୧୩ ଜଣ ଫେଲ୍ ହୋଇଛନ୍ତି। ସେଥିମଧ୍ୟରୁ ଏ-୧ରେ ଜଣେ, ଏ-୨ରେ ୮ ଜଣ, ବି-୧ରେ ୨୧ ଜଣ, ବି-୨ରେ ୫୪ ଜଣ ଏଭଳି ୮୪ ଜଣ ଭଲ ନମ୍ବର ରଖି ପାସ୍ କରିଥିବା ବେଳେ ଅନ୍ୟ ୩୩୭ ଜଣ ସି, ଡି ଏବଂ ଇ ଗ୍ରେଡରେ ପାସ୍ କରିଛନ୍ତି। ୨ ବିଦ୍ୟାଳୟ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଣେ ମାତ୍ର ଛାତ୍ରୀ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହେବା କେଉଁଠି ନା କେଉଁଠି ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୯ ବିଦ୍ୟାଳୟରୁ ମାତ୍ର ଦୁଇ ତିନିଟି ବିଦ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ ସବୁଥିରେ ଶିକ୍ଷକ ଭରପୂର ଥିବା ସହ ଭିତ୍ତିଭୂମି ସୁଦୃଢ଼ ରହିଛି। କିନ୍ତୁ ରେଜଲ୍ଟ ଏତେ ଖରାପ କାହିଁକି ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

## ● ଖଣ୍ଡପଡ଼ାରେ ରାମଲୀଳା

# ସୀତାବିବାହ ଓ ପର୍ଶୁରାମ ଭେଟ ନୀତି ସମ୍ପନ୍ନ

**ଖଣ୍ଡପଡ଼ା,୩।୫(ସମିସ):** ଖଣ୍ଡପଡ଼ା ସହାରାଞ୍ଚଳସ୍ଥିତ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିରରେ ରାମ ନବମୀ ଧୁମଧାମରେ ପାଳିତ ହେବା ପରେ ପାରମ୍ପରିକ ରାମଲୀଳା ଆରମ୍ଭ ହୋଇଛି। ଏ ଅବସରରେ ଖଣ୍ଡପଡ଼ାର ସର୍ବପୁରାତନ ଟାଉନ ରାମଲୀଳା କଳାକାରଙ୍କଙ୍କ ଦ୍ୱାରା ଚଳିତ ବର୍ଷ ରାମଲୀଳା ନାଟକ ଆରମ୍ଭ ହୋଇଛି। ରଥଗଡ଼ା ଛକରେ ଅନୁଷ୍ଠାନ ପକ୍ଷରୁ ରବିବାର ଠାରୁ ସ୍?ୟଂମ୍ବର ପାଇଁ ଆୟୋଜନ କରିଥିଲେ। ସର୍ତ୍ତ ଅନୁଯାୟୀ ଶିବ ଧନୁ ଯିଏ ଭଙ୍ଗ କରିବ ସିଏ ହିଁ ସୀତାଙ୍କୁ ବିବାହ କରିବେ। ସ୍ୱୟଂମ୍ବରରେ ସମଗ୍ର ଦେଶର ରାଜା ମହାରାଜା ମାନେ ଭାଗ ନେଇଥିଲେ। ଧନୁ ଭାଙ୍ଗିବା ତ ଦୂରର କଥା କେହି ଶିବ ଧନୁ ଉଠାଇ ପାରିନଥିଲେ। ଏହି ସମୟରେ ମହର୍ଷି ବିଶ୍ୱାମିତ୍ରଙ୍କ ସହିତ ରାମଲକ୍ଷ୍ମଣ ଦୁଇଭାଇ ସ୍ୱୟଂମ୍ବରରେ ପହଞ୍ଚିଥିଲେ। ଗୁରୁଦେବଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀରାମ ଅତି ସହଜରେ ଶିବ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଥିଲେ। ଶ୍ରୀରାମ ସୀତାଙ୍କୁ ନେଇ ଅଯୋଧ୍ୟା ବାହାରିବା ବେଳ ପର୍ଶୁରାମଙ୍କ ସହିତ ଭେଟ ହୋଇଥିଲା। ତେବେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ ଏବଂ ମାତା ଜାନକୀଙ୍କୁ ଭକ୍ତ



ରାମାୟଣ କଥାବସ୍ତୁ ଅନୁଯାୟୀ ସୀତା ବିବାହ ସହିତ ପର୍ଶୁରାମ ଭେଟ ହୋଇଥିବା ଜଣାପଡିଛି। ଏ ଅବସରରେ ରାଜର୍ଷି ଜନକ କନ୍ୟା ସୀତାଙ୍କ ହନୁମାନ ବନ୍ଦନା କରିଥିଲେ। ଏ ଅବସରରେ ଏହି ପାରମ୍ପରିକ ରାମଲୀଳା ଦେଖିବା ପାଇଁ ସହାରାଞ୍ଚଳର ଶତାଧିକ ଦର୍ଶକ ଉପସ୍ଥିତ ଥିଲେ।

# ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର

**ନୟାଗଡ଼,୨।୫(ସମିସ):** ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପ୍ରତିଷ୍ଠା ଦିବସ ଉପଲକ୍ଷେ ନୟାଗଡ଼ ଶାଖା ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶାଖା ପରିଚାଳକ ଶୀର୍ଷେନ୍ଦୁ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୧୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଦମକଳ କେନ୍ଦ୍ର ନିକଟ କେମିଷ୍ଟ ଭବନ ପରିସରରେ ଅନୁଷ୍ଠିତ ଶିବିରରେ ନୂଆଗାଁ, ମହିପୁର, ବାହାଡ଼ାଖୋଲା ଓ ବାଲୁଗାଁ ଶାଖା ପରିଚାଳକ ଉପସ୍ଥିତ ରହି ନିଜେ ରକ୍ତଦାନ କରିଥିଲେ। ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ସମ୍ପାଦକ ସନ୍ତୋଷ କୁମାର ନାୟକ ଶିବିରକୁ ଉଦଘାଟନ କରିଥିଲେ। ଶାଖାର ଡିଡିଓ ପ୍ରଭାତ କୁମାର ନାୟକ, ରାଜେଶ୍ୱର ଆଚାରୀ ଓ ସମାଜସେବୀ ପ୍ରହ୍ଲାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟ ମଧୁବୈଶ୍ୟ ସମାଜର ୬୫ତମ ଅଧିବେଶନ



**ଗଣିଆ,୩।୫(ସମିସ):** ଗଣିଆ ରଘୁନାଥ ଜୀଉ ମନ୍ଦିର ପରିସରରେ ଦଶପଲ୍ଲା ରାଜ୍ୟ ମଧୁବୈଶ୍ୟ ସମାଜର ୬୫ ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମଧୁବୈଶ୍ୟ ସମାଜର ସଭାପତି ଚନ୍ଦ୍ରଶେଖର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ସମାଜର ସଭାପତି ପତାକା ଉତ୍ତୋଳନ କରି ଗଜାନନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଇହଲୀଳା ସମ୍ବରଣ କରିଥିବା ଗୁଆ ଭାଇଙ୍କ ପାଇଁ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଗତବର୍ଷର ବିବରଣୀ ପଠନ କରାଯାଇଥିଲା। ବିଧାୟକ ବେହେରା ବରିଷ୍ଠ ବ୍ୟକ୍ତିତ୍ୱ ଅନନ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦ୍ୱିତୀକୃଷ୍ଣ ସାହୁ,ମେଧାବୀ ଛାତ୍ର ଛାତ୍ରୀ, ପୂର୍ବତନ ବେହେରାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମଧୁବୈଶ୍ୟ ସମାଜର ସମସ୍ତ ଆବଶ୍ୟକତାକୁ ପୂରଣ କରିବାକୁ ବିଧାୟକ ପ୍ରତିଶୃତି ଦେଇଥିଲେ। ନୂତନ କର୍ମକର୍ତ୍ତା ନିର୍ବାଚନ ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଖଣ୍ଡପଡ଼ା ରାଜ୍ୟର ସଭାପତି ଆନନ୍ଦ ଚନ୍ଦ୍ର ସାହୁ, ରଣପୁର, ନରସିଂହପୁର ସଭାପତିଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ଗ୍ରୀଡ୍‌ରୁ ଓଡ଼ଗାଁ ୩୩ କେଭି ଲାଇନରେ ବାରମ୍ବାର ତ୍ରୁଟି

**ଓଡ଼ଗାଁ,୩।୫(ସମିସ)**

ଓଡ଼ଗାଁ ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନ ହେବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହ ଗୁଳୁଗୁଳି ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ବିଦ୍ୟୁତ୍ ବିଭ୍ରାଟ ସମସ୍ୟା ଅଞ୍ଚଳବାସୀଙ୍କ ଦୁର୍ଭାଗ୍ୟକୁ ଆହୁରି ବଢ଼ାଇ ଦେଇଛି। ନୟାଗଡ଼ ଗ୍ରୀଡ୍‌ରୁ ଓଡ଼ଗାଁକୁ ଆସୁଥିବା ପୁରୁଣା ୩୩ କେଭି ଲାଇନରେ ବାରମ୍ବାର ତ୍ରୁଟି ଦେଖାଦେଉଛି। ପ୍ରାୟ ୬୦ରୁ ୭୦ ବର୍ଷ ପୁରୁଣା ଏହି ଲାଇନ ଘନ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ଦେଇ ଯାଇଥିବାରୁ ସାମାନ୍ୟ ପବନ କିମ୍ବା ବର୍ଷା ହେଲେ ଗଛ ଡାଳ ପଡ଼ିବା, ଇନସୁଲେଟର କ୍ଷତିଗ୍ରସ୍ତ ହେବା ପରି କାରଣରୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେଉଛି। ଗତ ୧୫ ଦିନ ମଧ୍ୟରେ କାଳବୈଶାଖୀ ଝଡ଼ବର୍ଷା କିମ୍ବା ଅଧିକ ଲୋଡ୍ କାରଣରୁ ବିଦ୍ୟୁତ୍ ବିଚ୍ଛିନ୍ନ ହେବା ସାଧାରଣ ଘଟଣାରେ ପରିଣତ ହୋଇଛି। କେତେକ ସମୟରେ ୧୮ରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ଠପ୍ ରହିଥିବା ଅଭିଯୋଗ ହୋଇଛି। ମେଘ ପରେ ଆକାଶ ସ୍ୱାଭାବିକ ହୋଇଯାଉଥିଲେ ମଧ୍ୟ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେବାରେ ବହୁ ସମୟ ଲାଗୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ



ପାଇଁ ଗତ ସରକାର ସମୟରେ ନୟାଗଡ଼ ଗ୍ରୀଡ୍‌ରୁ ଓଡ଼ଗାଁକୁ ନୂଆ ୩୩ କେଭି ଲାଇନ୍ ନିର୍ମାଣ ପାଇଁ ଯୋଜନା ହୋଇ ଅର୍ଥ ବରାଦ କରାଯାଇଥିଲା। ଖୁଣ୍ଟ ପୋତାଯାଇ ଅଧିକାଂଶ ସ୍ଥାନରେ ତାର ଟଣା ମଧ୍ୟ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ମାଛିପଡ଼ା ଗ୍ରାମ ନିକଟରେ ପ୍ରାୟ ୭ରୁ

- ମାଛିପଡ଼ାରେ ଅଟକିଛି ନୂଆ ଲାଇନ୍
- ଓଡ଼ଗାଁରେ ବିଦ୍ୟୁତ୍ ସଙ୍କଟ ଗମ୍ଭୀର

୮ଟି ସ୍ପାନ୍ ତାର ଟଣା ବାକି ରହିଥିବାରୁ କାମ ଅଟକି ରହିଛି। ମାଛିପଡ଼ା ଗ୍ରାମବାସୀଙ୍କ ଦାବି ଅନୁଯାୟୀ, ତାଙ୍କ ଅଞ୍ଚଳର ପ୍ରାୟ ଦେଢ଼ କିଲୋମିଟର ୧୧ କେଭି ଖୋଲା ତାରକୁ ହଟାଇ ଇନସୁଲେଟେଡ୍ ତାର ଟଣାଯିବା ପରେ ଯାଇ ୩୩ କେଭି ଲାଇନ୍ କାମ ଆଗକୁ ବଢ଼ିବ। ଏହି କାମ ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଏତେ ବ୍ୟୟ ନୟାଗଡ଼ ବିଦ୍ୟୁତ୍ ଡିଭିଜନ ପକ୍ଷରୁ ସମ୍ଭବ ନୁହେଁ ବୋଲି ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ କେବେ ଏହାର ସମାଧାନ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ବନବିଭାଗ ଦ୍ୱାରା ହରିଣ ଉଦ୍ଧାର

**ଭାପୁର,୩।୫(ସମିସ):** ପାଣି ପିଇବା ପାଇଁ ଜଙ୍ଗଲରୁ ପଳାଇ ଆସିଥିବା ଏକ ହରିଣ ସାମ୍ବାଦିକ ଓ ବନ କର୍ମଚାରୀଙ୍କ ଯୋଗୁଁ ରକ୍ଷା ପାଇ ଜଙ୍ଗଲକୁ ପଳାଇଯିବାକୁ ସକ୍ଷମ ହୋଇଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଡେଙ୍ଗା ବାହାଡ଼ା ସଂରକ୍ଷିତ ଜଙ୍ଗଲ (ଗୋଶିଙ୍ଗ ପାହାଡ଼ ଓ ହନୁମନ୍ତିଆ ରିଜର୍ଭ) ଦିନକୁ ଦିନ ଘଞ୍ଚ ହେବା ସହ ଏହାର କଳେବର ବୃଦ୍ଧି ପାଉଛି। ଏହା ସହ ଜଙ୍ଗଲରେ ବିଲୁପ୍ତ ହୋଇଯାଉଥିବା ଜଙ୍ଗଲୀ ଜନ୍ତୁଙ୍କ ସଂଖ୍ୟା ମଧ୍ୟ ବଢୁଛି। ଜଙ୍ଗଲ ନିକଟ ଗ୍ରାମଗୁଡ଼ିକୁ ହରିଣ, କୁଟରା, ଝିଙ୍କ, ବଜ୍ରକାପ୍ତା, ବାରହା ଓ ଠେକୁଆ ଭଳି ଜନ୍ତୁ ଆସୁଥିବା ଦେଖାଯାଉଛି। କେତେକ ସଚେତନ ନାଗରିକ ସେମାନଙ୍କୁ ସୁରକ୍ଷିତ ଜଙ୍ଗଲକୁ ଯିବା ବ୍ୟବସ୍ଥା କରୁଥିବା ବେଳେ ଅନେକ ସମୟରେ ବନ ବିଭାଗ ସହଯୋଗ ମଧ୍ୟ ଲୋଡୁଛନ୍ତ। ବେଳେବେଳେ କେତେକ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣର ଶିକାର ମଧ୍ୟ ଏହି ନିରୀହ ଜୀବଗୁଡ଼ିକ ହେଉଛନ୍ତି। ଦୁଇଦିନ ତଳେ ହନୁମନ୍ତିଆ ଜଙ୍ଗଲରୁ ଏକ ୨/୩ ବର୍ଷର ହରିଣ ଆସି ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମ ନିକଟ ପୋଖରୀରୁ ସକାଳୁ ସକାଳୁ ପାଣି ପିଉଥିଲା। ଲୋକମାନେ ଏହାକୁ ପିଛା କରିବା ସମୟରେ ସାମ୍ବାଦିକ ପ୍ରଭାତ କୁମାର ବରାଡ଼ ହରିଣ ଜୀବନ ପ୍ରତି ବିପଦ ଆଶଙ୍କା ଥିବା ଜାଣି ବନ ବିଭାଗକୁ ଫୋନ କରିଥିଲେ। ଭାପୁର ବନପାଳ ସୁବାସ ନାୟକ ଓ ତାଙ୍କ ସହକର୍ମୀ ତୁରନ୍ତ ସେଠାରେ ପହଞ୍ଚିବା ପରେ ହରିଣ ଜଙ୍ଗଲକୁ ଯିବାକୁ ସମର୍ଥ ହୋଇଥିଲା।

## ଟାଙ୍ଗୀ ବ୍ଲକ୍‌ରେ ଦ୍ୱିତୀୟ ସ୍ଥାନରେ ଦୀପାଞ୍ଜଳି



ଖୋର୍ଦ୍ଧା, ୩।୫(ସମିସ): ଶନିବାର ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଟାଙ୍ଗୀ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ, ବଡପାରିର ଛାତ୍ରୀ ଦୀପାଞ୍ଜଳୀ ସ୍ୱାଇଁ ଶୀର୍ଷ ସ୍ଥାନ ଅଧିକାର କରି ବ୍ଲକ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ ସମୁଦାୟ ୫୬୦ମାର୍କ ରଖି ଟାଙ୍ଗୀ ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଜିରିପଡ଼ା ଗ୍ରାମର ରବୀନ୍ଦ୍ର କୁମାର ସ୍ୱାଇଁ(ଶ୍ରମିକ) ଓ ଗୀତା ସ୍ୱାଇଁ(ଗୃହିଣୀ) ଝିଅର ଏଭଳି ସଫଳତାରେ ତାଙ୍କ ପରିବାର ଓ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି। ଭବିଷ୍ୟତରେ ଆଇଏଏସ୍ ହୋଇ ଦେଶସେବା କରିବାର ଲକ୍ଷ୍ୟ ରଖିଛନ୍ତି ଛାତ୍ରୀ ଦୀପାଞ୍ଜଳି।

## ଏ -୧ ଗ୍ରେଡ୍‌ରେ ୭ ଜଣ

ବେଗୁନିଆ/ବୋଲଗଡ଼, ୩।୫ (ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବୋଲଗଡ଼ ବ୍ଲକରେ ୭ ଜଣ ଏ ୧ ଗ୍ରେଡରେ ପାସ କରିଥିବା ବେଳେ ସିପ୍ରାରାଣୀ ଦ୍ୱାରୀ (୫୫୯) ମାର୍କ ରଖି ଟପ୍ପର ଭାବେ ଘୋଷିତ ହୋଇଛନ୍ତି। ଅନ୍ୟ ଏ ୧ ଗ୍ରେଡ ଛାତ୍ର ଛାତ୍ରୀ ମାନେ ହେଲେ ବୋଲଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଜ୍ଞା ପାରମିତା ପ୍ରଧାନ (୫୫୪), ସଅଁପୁର ଚତୁର୍ଭୂଜ ସରକାରୀ ଉଚ୍ଚ ବିଦ୍ୟାଳୟ ଭାବସ୍ମିତା ମଙ୍ଗରାଜ(୫୪୭), ଆରିକମା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଜିତନ ମହାରଣା(୫୪୦), ଟାଙ୍ଗୀସାହି ଆରଏନଏମଏସ ସରକାରୀ ଉଚ୍ଚ ବିଦ୍ୟାଳୟ ଚିନ୍ମୟ କୁମାର ପରିଡ଼ା (୫୪୦), ମୁଗମଣ୍ଡା ଦେବଗୁରୁ ଆଦର୍ଶ ବିଦ୍ୟାଳୟ ଓମ ନାରାୟଣ ପ୍ରଧାନ (୫୪୦) ଓ ସ୍ମୃତିସୀତା ଗଣ୍ଡିଆ (୫୪୦)।

## ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

ବେଗୁନିଆ, ୩।୫ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପତିତପାବନ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ଉପସଭାପତି ବିଶ୍ୱରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ଦିବାକର ସାହୁ, ସମ୍ପାଦକ ଗଙ୍ଗାଧର ମାର୍ଥା, ସହସମ୍ପାଦକ ବଟକୃଷ୍ଣ ମହାପାତ୍ର, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ସଭ୍ୟ ରବି ନାରାୟଣ ଦଳେଇ, ସରୋଜ ମହାପାତ୍ର ଓ ସତ୍ୟପ୍ରିୟ ମହାପାତ୍ର ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ମହୋତ୍ସବକୁ ସଫଳ କରିବା ପାଇଁ ମତାମତ ଉପସ୍ଥାପନ କରିଥିଲେ। ଏହି ମହୋତ୍ସବଟି ଆସନ୍ତା ଜୁନ୍ ମାସ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ର କାନନ ପରିସରରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ଅବସରରେ କବାଡ଼ି, ପିଠା, ଝୋଟି, କାନ୍ଦଣା, ଦଉଡ଼ି ଡିଆଁ, ଅନ୍ଧପୁତୁଳି, କୁଇଜ୍, ମେହେନ୍ଦୀ, ପୁଚି, ମ୍ୟୁଜିକ୍ ଚେୟାର ଓ ରଜ କୁଇନ୍-୨୦୨୬ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା ହେବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ହୋଇଛି।

## କାଶୀପୁର ରାମଲୀଳା ମହୋତ୍ସବ

ନିରାକାରପୁର, ୩।୫ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ବଡ଼ପାଟଣା ଗ୍ରାମର ପ୍ରସିଦ୍ଧ ରାମଲୀଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ-ସୁଗ୍ରୀବ ମିତ୍ରତା ଓ ବାଳିବଧର ଅତି ମନୋଜ୍ଞ କାର୍ଯ୍ୟକ୍ରମରେ କାଶୀପୁର ଗ୍ରାମର ପରିବେଶ ଆଧ୍ୟାତ୍ମିକମୟ ହୋଇଉଠିଛି। ଗତକାଲିର ଅଭିନୟରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରାଜେଶ ପ୍ରଧାନ ନିଜର ନିଖୁଣ ଅଭିନୟ ପ୍ରଦର୍ଶନ କରିଥିବା ବେଳେ ବାଳି ଭୂମିକାରେ ନବକିଶୋର ବରାଳ ଏବଂ ସୁଗ୍ରୀବ ଭୂମିକାରେ ନରେନ୍ଦ୍ର ବରାଳ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗାୟକ ଶ୍ୟାମ ସୁନ୍ଦର ବିଶ୍ୱାଳ ଓ ବିପିନ ସାହୁ ନିଜର ସୁମଧୁର କଣ୍ଠରେ ପରିବେଷଣ କରିଥିବା ବେଳେ ବାୟକ ମହେଶ୍ୱର ନାୟକ ମୃଦଙ୍ଗ ବାଦନରେ ସହଯୋଗ କରିଥିଲେ। ଗୁରୁ ପଦ୍ମନାଭ ଦଳାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନାଟକଟି ଅନୁଷ୍ଠିତ ହୋଇଥିଲା।

## ଡିପିସି ପକ୍ଷରୁ ବିଶ୍ୱ ପ୍ରେସ୍ ସାଧୀନତା ଦିବସ



ଖୋର୍ଦ୍ଧା, ୩।୫(ସମିସ): ଜିଲ୍ଲା ପ୍ରେସ କ୍ଲବ(ଡିପିସି) ଖୋର୍ଦ୍ଧା ଆନୁକୂଲ୍ୟରେ ବିଶ୍ୱ ପ୍ରେସ୍ ସାଧୀନତା ଦିବସ ସାମ୍ବାଦିକ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବିଷୟ ବସ୍ତୁ ଶାନ୍ତିର ଭବିଷ୍ୟତ ପାଇଁ ପ୍ରେସ ସ୍ୱାଧନତାକୁ ଗୁରୁତ୍ୱ। କ୍ଲବର ସଭାପତି ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଦିବସରେ ଉପସଭାପତି ଲଳିତ ମୋହନ ମହାପାତ୍ର, ପ୍ରସନ୍ନ କୁମାର ପାଇକରାୟ, କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ଦାସ, କାର୍ଯ୍ୟକାରୀ ସଦସ୍ୟ ଇକୱାଲ ଅହମ୍ମଦ, ରାମଚନ୍ଦ୍ର ଜୁଝାରସିଂହ, ରାଜେଶ ମହାନ୍ତି, ଶୁଭକାନ୍ତ ମହାପାତ୍ର, ଲକ୍ଷ୍ମୀନାରାୟଣ ମହାପାତ୍ର, ଦୁର୍ଗାପ୍ରସାଦ ଷଡଙ୍ଗୀ, ରାଜୀବ ଲୋଚନ ମହାପାତ୍ର, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାରା ବିଶ୍ୱରେ ସାମ୍ବାଦିକ ଟିଏ ଯେଭଳି ଭାବେ ବିନା ଭୟ ଏବଂ ସଙ୍କୋଚରେ ସତ୍ୟକୁ ସାମନା କରିପାରିବ ଏହି ଦିବସ ତାହାର ବାର୍ତ୍ତା ଦେଉଛି ମତ ପ୍ରକାଶ ପାଇଥିଲା। ସାମ୍ବାଦିକ ମାନେ କୌଣସି ଖବର ପରିବେଷଣ ସମୟ ବହୁବିଧା ସମସ୍ୟା ସମ୍ମୁଖୀନ ହୋଇଥାନ୍ତି। ପ୍ରେସ୍ ସ୍ୱାଧନତା ଇଣ୍ଡେକ୍ସରେ ଭାରତ ସ୍ଥାନ ଗତ ୨୫ବର୍ଷ ମଧ୍ୟରେ ଖରାପ ସ୍ଥିତିରେ ରହିଛି। ସମାଜର ଜାଗ୍ରତ ପ୍ରହରୀ ଭାବେ ସାମ୍ବାଦିକ ମାନେ ନୀରପେକ୍ଷ, ସତ୍ୟ ଆଧାରିତ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା। ଅବ୍ୟକ୍ତ ହରିହର ଖାଡଙ୍ଗା ମଞ୍ଚ ସଂଯୋଜନା କରିଥିବାବେଳେ ଉପଦେଷ୍ଟା ଦିଲ୍ଲୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍ଥିକ ଘୋଟାଲାରେ ଉବୁଟୁବୁ ଖୋର୍ଦ୍ଧା ପୌର ପରିଷଦ !

### ଅନିୟମିତତା, ପକ୍ଷପାତିତା ଅଭିଯୋଗରେ ରାଜ୍ୟ ପୌର ପ୍ରଶାସକ ନିର୍ଦ୍ଦେଶକ ଏବଂ ଜିଲ୍ଲାପାଳଙ୍କ ସହାୟତା ଲୋଡ଼ିଲେ ଦୁଇ କାଉନସିଲର

ଖୋର୍ଦ୍ଧା, ୩।୫(ସମିସ)

ପୂର୍ବରୁ ଉଚ୍ଛେଦ, କ୍ୟାବିନ୍ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନରେ ଦୋକାନ ଘର ଆବଣ୍ଟନ, ଆଲୋକୀକରଣ, ସୋନ୍ଦର୍ଯ୍ୟକରଣକୁ ନେଇ ଦୁର୍ନୀତି ଅଭିଯୋଗରେ ଖୋର୍ଦ୍ଧା ପୌର ପ୍ରଶାସନ ଉବୁଟୁବୁ ଥିବାବେଳେ ଆର୍ଥକ ଘୋଟାଲାରେ ମଧ ଶୀର୍ଷରେ ରହିଥିବା ଅଭିଯୋଗ ହୋଇଛି। ପରିମଳ ବିଭାଗରେ ଗତ ବର୍ଷକ ମଧ୍ୟରେ ୬କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଘୋଟାଲା ହୋଇଥିବା ନେଇ ଚାରି ଦିନ ତଳେ ପୌରପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସମେତ ସେମାନଙ୍କର ସଂଗଠନ ଜିଲ୍ଲାପ୍ରଶାସନ ନିକଟରେ କରିଥିଲେ। ଇତି ମଧ୍ୟରେ ଗୋଟିଏ ପରେ ଗୋଟିଏ ବ୍ୟାପକ ଦୁର୍ନୀତି ଲୋକ ଲୋଚନକୁ ଆସିବା ପରେ ନୀତି ନୈତିକତା ଆଦର୍ଶକୁ ହରାଇ ବର୍ତ୍ତମାନ ଦୁର୍ନୀତି ସୀମାପାର ହେଇ ପଡ଼ିଛି ବୋଲି ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ପକ୍ଷପାତିତା, ଅଣଦଖା ଏବଂ ମେରି ରାୟ ନୀତିରେ ପୌର ପ୍ରଶାସନ ନିର୍ଦ୍ଦିଷ୍ଟ କିଛି କର୍ମଚାରୀଙ୍କ ନିୟନ୍ତ୍ରଣରେ କାର୍ଯ୍ୟକାରୀ ହେଉଥିବାର ଅଭିଯୋଗ ଦୁଇ ଜଣ ଆଗଧାଡ଼ିର କାଉନ୍ସିଲରଙ୍କ ପ୍ରତିନିଧି ଜିଲ୍ଲା ପ୍ରଶାସନ ସମେତ ରାଜ୍ୟ ପୌର ପ୍ରଶାସନ ନିକଟରେ ଅଭିଯୋଗ କରିଥିବା ଘଟଣା ଏବେ ଏହି ଆଲୋଚନାକୁ ବେଶ୍ ଖୋରାକ ଯୋଗାଇଛି।



ସୂଚନା ମୁତାବକ, ଦୀର୍ଘ ବର୍ଷ ହେବ ପୌର ପରିଷଦ ଅନ୍ତର୍ଗତ ୨୨ଗୋଟି ୱାର୍ଡରେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଥିବା ବେଳେ ଏପ୍ରିଲ ୨୪ତାରିଖ ଦିନ ନାଳ, ରାସ୍ତା ଉନ୍ନତିକରଣ, ମରାମତି, ନୂତନ ଭାବେ ନିର୍ମିତ ଏବଂ ସୋନ୍ଦର୍ଯ୍ୟ କରଣ ନିମନ୍ତେ ଦୁଇ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପରିମାଣ ଟଙ୍କାର ଏକ ଟେଣ୍ଡର ଆହ୍ୱାନ କରାଯାଇଛି। ୨୨ଟି ୱାର୍ଡରୁ ୧୫ନଂ, ୧୨ନଂ, ୧୧ନଂ କୁ ତିରିଶ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁର ହେଇଥିବା ବେଳେ ୧, ୨, ୫, ୬, ୮, ୧୦, ୧୮ ନଂ ୱାର୍ଡର କୌଣସି ପ୍ରକଳ୍ପ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ନଥିବା ଏକ ପ୍ରକାର ଚାପା ଗୁଞ୍ଜରଣ ସୃଷ୍ଟି କରିଛି। ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା, ପକ୍ଷପାତିତା ଏବଂ ପୌର ପରିଷଦ ସାଧାରଣ ବୈଠକ କିମ୍ବା ଉନ୍ନୟନ କମିଟିର ବିନା ଅନୁମୋଦନରେ ଡ଼କା ଯାଇଥିବା ଟେଣ୍ଡର ପ୍ରକ୍ରିୟାକୁ ଦୁଇ ଜଣ କାଉନସିଲରଙ୍କ ପ୍ରତିନିଧି ସିଧା ସଳଖ ଭାବେ ବିରୋଧ କରିଛନ୍ତି। ପୌରପରିଷଦର ପରିମଳ, ଆଲୋକିକରଣ, ଉନ୍ନୟନ, ସୋନ୍ଦର୍ଯ୍ୟକରଣ ଆଦି ବିଭିନ୍ନ କାର୍ଯ୍ୟ ପାଇଁ ଏକ ମାତ୍ର କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହେବା ଫଳରେ ଟେଣ୍ଡର ପ୍ରକ୍ରିୟାକୁ ପ୍ରତ୍ୟାହାର କରାଯିବା ସହିତ ଏକ ସ୍ୱତନ୍ତ୍ର ବୈଷୟିକ ଟିମ୍ ସହାୟତାରେ ୱାର୍ଡର ସ୍ଥିତିକୁ ସର୍ବେକ୍ଷଣ କରିବା ସହିତ ନୂତନ ଭାବେ ଟେଣ୍ଡର ଆହ୍ୱାନ କରିବାକୁ ଅନୁରୋଧ କରି ୧୩ୱାର୍ଡ କାଉନସିଲରଙ୍କ ପ୍ରତିନିଧି ରାଜେଶ ପ୍ରଧାନ ଏବଂ ୧୮ ୱାର୍ଡ କାଉନସିଲରଙ୍କ ପ୍ରତିନିଧି ବଦ୍ରିନାରାୟଣ ସାହୁ ରାଜ୍ୟ ସରକାରଙ୍କ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ ସମେତ ଜିଲ୍ଲାପାଳଙ୍କ ସହାୟତା ଲୋଡିଛନ୍ତି। ଯାହା ପୌର ପ୍ରଶାସନ କାର୍ଯ୍ୟ ପ୍ରତି ସିଧାସଳଖ ଭାବେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ହତ୍ୟା ଉଦ୍ୟମ; ୬ ଜଣଙ୍କୁ ୫ ବର୍ଷ ଜେଲ୍

ବାଣପୁର, ୩।୫(ସମିସ) : ବାଣପୁର କୋର୍ଟରେ ଦୁଇଟି ବିଚାରାଧୀନ ମକଦ୍ଦମାର ଶୁଣାଣୀ କରି ବାଣପୁର ସହକାରୀ ଦୌରାଜଜ୍ ଅମରେଶ କୁମାର ମହାପାତ୍ର ଦଣ୍ଡାଦେଶ ସହ ଜୋରିମାନା ରାୟ ପ୍ରକାଶ କରିଛନ୍ତି। କୁକୁଡା ଚୋରୀକୁ ନେଇ ହତ୍ୟା ଉଦ୍ୟମ ମାମଲାରେ ୬ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଲେଖାଏଁ ଜୋରିମନା ଶୁଣାଣି କରିଥିବା ବେଳେ ଅନ୍ୟ ଏକ ପାରିବାରିକ ଶତୃତାକୁ ନେଇ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଦୋଷୀକୁ ଦେଢ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ବିଚାରପତି। ୨୦୧୮ ମସିହା ଜୁଲାଇ ୨୭ତାରିଖ ରାତିରେ ବାଣପୁର ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ବିଦୁ ଦାସଙ୍କ ଘରୁ ୩ଟି କୁକୁଡା ଚୋରୀ ହୋଇଥିଲା। ଏହାକୁ ନେଇ ବିଦୁ ଗ୍ରାମ ଦାଣ୍ଡରେ ଗାଳିଗୁଲଜ କରୁଥିବା ବେଳେ ସେହି ଗ୍ରାମର ବାପ-ପୁଅ ସଠିଆ ଦାସ ଓ ଏକାଦଶୀ ଦାସଙ୍କ ସମେତ କୈଳାଶ ଦାସ, ଅମିନ ଦାସ, ମୁନା ଦାସ ଓ ଶରତ ଦାସ ସଂଘବଦ୍ଧ ଭାବେ କାତି କୁରାଢିରେ ବିଦୁକୁ ଆକ୍ରମଣ କରିବା ଫଳରେ ଏଥିରେ ଗୁରୁତର ଭାବେ ଆହତ ହୋଇଥିଲେ ବିଦୁ। ତେବେ ତାଙ୍କୁ ବଞ୍ଚାଇବାକୁ ଯାଇ ବିଦୁଙ୍କ ସାନ ଭାଇ ସୁରେଶ ମଧ୍ୟ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇ କଟକରେ ଚିକିତ୍ସିତ ହେଉଥିଲେ। ଏନେଇ ବିଦୁଙ୍କ ବୋହୂ ସପନା ଦାସ ଥାନାରେ ଅଭିଯୋଗ କରିବାରେ ପୁଲିସ ବିଭିନ୍ନ ଦଫାରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଉକ୍ତ ମାମଲା ବାଣପୁର କୋର୍ଟରେ ବିଚାରାଧୀନ ଥିବା ବେଳେ ବର୍ତ୍ତମାନ ସହକାରୀ ଦୌରା ଜଜ୍ ଶ୍ରୀ ମହାପାତ୍ର ଏହି ମାମଲାର ବିଚାର କରି ଡାକ୍ତରଙ୍କ ସମେତ ୧୨ଜଣ ସାକ୍ଷୀଙ୍କ ବୟାନ ଓ ପାରିପାର୍ଶିକ ପ୍ରମାଣ ଆଧାରରେ ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହିତ ଦଶ ହଜାର ଟଙ୍କା ଲେଖାଏଁ ଜୋରିମାନାର ଦଣ୍ଡାଦେଶ ଶୁଣାଇ ଛନ୍ତି। ଜୋରିମାନା ଅନାଦେୟ ହେଲେ ଅଧିକ ୯ ମାସ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ସେହିପରି ୨୦୧୬ ମସିହା ଅଗଷ୍ଟ ମାସ ୫ ତାରିଖରେ ପାରିବାରିକ ବିବାଦକୁ ନେଇ ବରକୋଳି ଗ୍ରାମର ପ୍ରଭାତ କୁମାର ସ୍ୱାଇଁ ପଡୋଶୀ ନଟବର ସ୍ୱାଇଁଙ୍କୁ ଗୋଡାଇ ଗୋଡାଇ ଫାଉଡାରେ ଆକ୍ରମଣ କରିବାରେ ନଟବର ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଏନେଇ ନଟବରଙ୍କ ସ୍ତ୍ରୀ ଶଶିଙ୍କ ଅଭିଯୋଗ କ୍ରମେ ବାଣପୁର ପୁଲିସ ବିଭିନ୍ନ ଦଫାରେ ଏକ ମକଦ୍ଦମା ରୁଜୁ କରି ମୁଦଲା ପ୍ରଭାତକୁ ଗିରଫ କରି ଘଟଣାର ତଦନ୍ତ ଚଳାଇଥିଲା। ଉକ୍ତ ମାମଲାଟି ବାଣପୁର କୋର୍ଟରେ ବିଚାରଧୀନ ଥିବା ବେଳେ ଏହି ମକଦ୍ଦମାର ଶୁଣାଣୀ କରି ସହକାରୀ ଦୌରା ଜଜ୍ ଅମରେଶ କୁମାର ମହାପାତ୍ର ପ୍ରଭାତକୁ ଦୋଷୀ ସାବ୍ୟସ୍ତ କରି ଦେଢ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ତେବେ ଜୋରିମାନା ଅନାଦେୟ ହେଲେ ଅଧିକ ୬ ମାସ କାରାଦଣ୍ଡ ପାଇଁ ରାୟ ଶୁଣାଇଛନ୍ତି ବିଚାରପତି। ଉଭୟ ମକଦ୍ଦମାକୁ ସରକାରୀ ଓକିଲ ରମେଶ ଚନ୍ଦ୍ର ବିଷୋୟୀ ଏବଂ ସର୍ଚ୍ଚିତ ମିଶ୍ର ପରିଚାଳନା କରୁଥିଲେ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ରକ୍ତଦାନ ଶିବିର

ଖୋର୍ଦ୍ଧା, ୩।୫(ସମିସ): ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ପ୍ରଥମ ସ୍ଥାପନା ଦିବସ ଅବସରରେ ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ ପରିସର ରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ବ୍ୟାଙ୍କ ର ଖୋର୍ଦ୍ଧା ଆଞ୍ଚଳିକ ପ୍ରବନ୍ଧକ ଶୁଭଦା ପ୍ରସାଦ ମହାନ୍ତି ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୮ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଶିବିରରେ ବ୍ୟାଙ୍କ ତରଫରୁ ନମିତା ସ୍ୱାଇଁ, ସୌମ୍ୟ ରଞ୍ଜନ ସ୍ୱାଇଁ, ଦୁର୍ଗା ପ୍ରସାଦ ଦାଶ, ତାପସ ପଣ୍ଡା, ରାକେଶ କୁମାର ସାହୁ ଏବଂ କମଲ କୁମାର ଖଟେଇ ଏହି ଶିବିର ର ପରିଚାଳନା ରେ ସହଯାଗ କରିଥିଲେ।



## ଉପକାରାଗାରରେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

ବାଲୁଗାଁ, ୩।୫(ସମିସ): ହତ୍ୟା ଅଭିଯୋଗରେ ବାଣପୁର ଉପ-କାରାଗାରର ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଯାଇଛି। ଗତ ପାଞ୍ଚ ଦିନଧରି ବ୍ରହ୍ମପୁର ସରକାରୀ ବଡ଼ ଡାକ୍ତରଖାନାରେ ହୃଦରୋଗରେ ଚିକିତ୍ସା ହୋଇ ଶନିବାର ସନ୍ଧ୍ୟାରେ କାରାଗାରକୁ ଫେରିଥିଲେ ବନ୍ଦୀ ଶଠ ରାଉତରାୟ। ରବିବାର ସକାଳୁ ଗାଧୁଆଘରେ ଗାଧୋଉଥିବା ବେଳେ ହଠାତ ଅଚେତ ହୋଇ ପଡ଼ିବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ବାଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶଠ ରାଉତରାୟଙ୍କ ଘର ବାଣପୁର ଥାନା ଶାନ୍ତିନଗରରେ। ପରିବାର ଲୋକଙ୍କୁ କାରାଗାର କର୍ତ୍ତୃପକ୍ଷ ଅବଗତ କରିବା ପରେ ପରିବାର ଲୋକ ଡାକ୍ତରଖାନାରେ ପହଞ୍ଚି ଥିଲେ। ଯେହେତୁ ଗତ ୨୮ ତାରିଖରୁ ସେ ଚିକିତ୍ସିତ ହେଉଥିଲେ। ତେଣୁ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥାଇପାରେ ବୋଲି ସୂଚନା ଦେଇଛନ୍ତି ଜେଲ ସୁପରିଣ୍ଟେଣ୍ଡେଣ୍ଟ। ଅନ୍ୟ ପଟେ ମୃତ ଦେହକୁ ଜବତ କରି ଘଟଣାର ତଦନ୍ତ କରୁଛି ବାଣପୁର ପୁଲିସ। ଗତ ୨୦୨୪ ଜୁଲାଇ ମାସରେ ପାରିବାରିକ କଳହରୁ ସାନପୁଅର ହତ୍ୟା ଅଭିଯୋଗରେ ଶଠ ରାଉତରାୟ ବିଚାରଧୀନ ବନ୍ଦୀ ଭାବରେ ବାଣପୁର ଉପ-କାରାଗାରରେ ଥିଲେ।

## ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଣପୁର, ୩।୫ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ବାଣପୁର ଥାନା ଅନ୍ତର୍ଗତ ତେନ୍ତୁଳିଡିହ ଛକ ନିକଟସ୍ଥ ରାସ୍ତା କଡ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି ପୁଲିସ। ରବିବାର ସକାଳେ ତେନ୍ତୁଳିଡିହ ଛକ ନିକଟ ରାସ୍ତା ପାର୍ଶ୍ୱ ଘଞ୍ଚ ବୁଦା ମଧ୍ୟରେ ଏକ ଗଛରେ ବେକରେ ଦଉଡି ଲଗାଇ ଜଣେ ଯୁବକଙ୍କ ମୃତ ଦେହଟି ଝୁଲୁ ଥିବାର ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତ ଯୁବକଙ୍କ ପରିଚୟ ମିଳି ପାରି ନଥିବା ବେଳେ ତାଙ୍କର ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଇଛି। ମୃତ ଯୁବକ ଜଣକ ନିଳ ରଙ୍ଗର ଏକ ଫୁଲ ପ୍ୟାଣ୍ଟ ଏବଂ ଟି ସାର୍ଟ ପିନ୍ଧିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ସ୍ଥାନଟି ଏକ ନିରାଞ୍ଜନ ହୋଇ ଥିବାରୁ ରାତିରେ ଯୁବକ ଜଣଙ୍କ ଏଠାରେ ଆ। ହତ୍ୟା କରିଛନ୍ତି କିମ୍ବା ତାଙ୍କୁ କେଉଁ ଠାରେ ହତ୍ୟା କରି ଏଠାରେ ଝୁଲାଇ ଦିଆ ଯାଇଛି। ତାହା ତଦନ୍ତ ପରେ ଜଣା ପଡ଼ିବ ବୋଲି ପୁଲିସ କହିଛି। ଏ ନେଇ ଏକ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରି ଆଖ ପାଖ ଅଞ୍ଚଳରେ ନିଖୋଜ ଥିବା ଯୁବକଙ୍କ ସମ୍ପର୍କରେ ପୁଲିସ ତଥ୍ୟ ସଂଗ୍ରହ କରି ତଦନ୍ତ ଜାରି ରଖିଛି।

## ବଜରଙ୍ଗବଲ୍ଲୀଙ୍କ ନବମ ବାର୍ଷିକ ଉତ୍ସବ

ଖୋର୍ଦ୍ଧା, ୩।୫(ସମିସ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତର ସମ୍ଭର ପଥର ଚକଡା ନିକଟସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସମ୍ଭର ବାଜରଙ୍ଗବାଲି ଯୁବ ସଂସଦ ଦ୍ୱାରା ଆୟୋଜିତ ନବମ ବାର୍ଷିକ ଉତ୍ସବ ସମ୍ପାଦନ ହୋଇଛି। ଏଥିରେ କର୍ତ୍ତା ବିକାଶ କୁମାର ଛୋଟରାୟ ଓ ମୋନାଲିସା ଛୋଟରାୟ ଏବଂ ପୂଜକ ବ୍ରହ୍ମାନନ୍ଦ ପଣ୍ଡା ଦାଇତ୍ୱ ତୁଲାଇ ଥିବାବେଳେ ବଜରଙ୍ଗବାଲି ଯୁବ ସଂସଦର ସଭ୍ୟ ନେତ୍ର ରଞ୍ଜନ ମିଶ୍ର, ନରେନ୍ଦ୍ର କୁମାର ସାହୁ, ବିଜୟ କୁମାର ସିଂହ, ଅନିଲ କୁମାର ବେହେରା, ରବୀନ୍ଦ୍ର ବେହେରା, ପ୍ରଶାନ୍ତ ମଙ୍ଗରାଜ, ତ୍ରିନାଥ ଲେଙ୍କା, ଗଣେଶ୍ୱର ସାହୁ, ବଳରାମ ରାୟଗୁରୁ, ରାକେଶ, ମଦନ ଓ ଅନ୍ୟାନ୍ୟ ସଭ୍ୟବୃନ୍ଦ ଏହି ଉତ୍ସବର ସଂଯୋଜନା କରିଥିଲେ।

## ବେଗୁନିଆରେ ୮୩.୬୬ % ଓ ବୋଲଗଡ଼ରେ ୯୫.୪୪% ପାସ୍‌ହାର

ବେଗୁନିଆ, ୩।୫ (ସମିସ): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବେଗୁନିଆ ବ୍ଲକର ପାସ୍ ହାର ୮୩.୬୬% ପାସ ଓ ବୋଲଗଡ଼ରେ ୯୫.୪୪% ପାସ ରହିଛି। ବେଗୁନିଆ ବ୍ଲକରେ ମୋଟ୍ ୧୮୩୬ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଆବଣ୍ଟନ ହୋଇଥିବା ବେଳେ ୧୮୧୮ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୧୫୨୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏହି ମେଟ୍ରିକ୍ ପରୀକ୍ଷାରେ ଏ ୧ ଗ୍ରେଡରେ ୮ ଜଣଙ୍କ ମଧ୍ୟରୁ ସତ୍ୟବ୍ରତ ପାଣିଗ୍ରାହୀ ୫୫୬ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ତେବେ ଏ ୨ ରେ ୪୯ ଜଣ, ବି ୧ରେ ୧୧୬ ଜଣ, ବି ୨ରେ ୨୬୩ ଜଣ, ସି ରେ ୩୫୫ ଜଣ, ଡି ରେ ୩୮୨ ଜଣ ଏବଂ ଇ ଗ୍ରେଡରେ ୩୨୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୧୪ ଜଣ ଛାତ୍ରଛାତ୍ରୀ ଏଫ ଗ୍ରେଡ୍ ପାଇ ଅକୃତକାର୍ଯ୍ୟ ହୋଇ ଥିବା ବେଳେ ୧୮ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଏଥିରେ କୃତକାର୍ଯ୍ୟ ୧୫୨୧ ଜଣଙ୍କ ମଧ୍ୟରୁ ୭୭୧ ଜଣ ଛାତ୍ର ଓ ୭୬୦ ଜଣ ଛାତ୍ରୀ ଅଛନ୍ତି। ସେହିପରି ବୋଲଗଡ଼ ବ୍ଲକରେ ମୋଟ୍ ୧୫୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୫୦୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସୂଚନା ଅନୁଯାଇ ଏ ୧ ଗ୍ରେଡରେ ୭ ଜଣଙ୍କ ମଧ୍ୟରୁ ସିପ୍ରାରାଣୀ ଦ୍ୱାରୀ ୫୫୯ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ତେବେ ଏ ୨ ରେ ୫୮ ଜଣ, ବି ୧ ରେ ୧୩୯ ଜଣ, ବି ୨ ରେ ୨୬୩ ଜଣ, ସି ରେ ୩୭୭ ଜଣ, ଡି ରେ ୩୭୬ ଜଣ ଏବଂ ଇ ଗ୍ରେଡରେ ୨୮୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୭୫ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି।

## ବର୍ଷିୟାନ କଂଗ୍ରେସ ନେତାଙ୍କ ପରଲୋକ

ଟାଙ୍ଗୀ, ୩।୫(ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ ପାରିଓରଡ ପଞ୍ଚାୟତ ପାରିଓରଡ ଗ୍ରାମର ବର୍ଷିୟାନ କଂଗ୍ରେସର ଛାମୁଆ ନେତା ବାଉରୀବନ୍ଧୁ ପ୍ରଧାନ (୭୭)ଙ୍କର ଭୁବନେଶ୍ୱର ର ଏକ ଘରୋଇ ଡାକ୍ତରଖାନା ରେ ପରଲୋକ ଘଟିଛି। କିଛି ଦିନ ହେଲା ସେ ଅସୁସ୍ଥ ଥିଲେ। ଆଜି ତାଙ୍କର ମୃତଶରୀର ଜନ୍ମମାଟି ପାରିଓରଡ ରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନ ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ସନ୍ତୋଷ ମୁଖାଗ୍ନି ପ୍ରଦାନ କରିଥିଲେ। ପୂର୍ବତନ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, ଅମୂଲ୍ୟ ପ୍ରଧାନ, ବେଣୁଧର ରାଉତ, ନବକିଶୋର ଚହଟରାୟ, ମଣ୍ଟୁ ସାହୁ, ବ୍ରଜବନ୍ଧୁ ରାଉତଙ୍କ ସମେତ ପରିବାର ବର୍ଗ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକବ୍ୟକ୍ତ କରିଛନ୍ତି।

## କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଲକ୍ଷ୍ମୀଧରଙ୍କ ସ୍ମୃତିସଭା

ଖୋର୍ଦ୍ଧା, ୩।୫(ସମିସ): ଗୋଳବାଇ କାୟା ଗ୍ରାମର ବଶିଷ୍ଟ ସମାଜସେବୀ, କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ଲକ୍ଷ୍ମୀଧର ବରିଶଲଙ୍କ ଏକାଦଶାହ ସ୍ମୃତିସଭା 'ନମାମି ମନ୍ଦାକିନୀ' ସଂଗଠନର ପ୍ରତିଷ୍ଠାତା, ସ୍ତମ୍ଭକାର ତଥା ରାଜ୍ୟ ପୂଜ୍ୟପୂଜା ପରିଷଦର ସଭାପତି ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ କାୟା ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବରିଶଳ ନିଜ ଗ୍ରାମର ବିବିଧ କାର୍ଯ୍ୟ ସହ ସତ୍ୟସାଇ ମନ୍ଦିର ପ୍ରତିଷ୍ଠା, କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ଭାବରେ ବହୁବିଧ କାର୍ଯ୍ୟାବଳୀରେ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପ୍ରାକ୍ତନ ବିଧାୟକ ଡ.ଦିଲ୍ଲୀପ ଶ୍ରୀଚନ୍ଦନ, କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଭୁବନେଶ୍ୱର ସତ୍ୟସାଇ ସଙ୍ଗଠନ ର ରବି ନାରାୟଣ ପ୍ରଧାନ ଓ ସୂର୍ଯ୍ୟ ନାରାୟଣ ଷଡଙ୍ଗୀ, ପ୍ରଦୀପ ବିଶ୍ୱାଳ, ମୃତ୍ୟୁଞ୍ଜୟ ଛୋଟରାୟ ଦଳବେହେରା, ବି.ଜେ.ପି. ପ୍ରବକ୍ତା ସୁରଥ ବିଶ୍ୱାଳ, ପ୍ରଫୁଲ୍ଲ ସାମନ୍ତରାୟ, ଅମୀନ ବରିଶଳ, ନଗେନ୍ଦ୍ର ନାଥ ସାମନ୍ତରାୟ, ଧରଣୀଧର ଛୋଟରାୟ, ତୋଫାନୀ ବରିଶଳ, ଦିଲ୍ଲୀପ ବଳିଆରସିଂହ, ଗୌରାଙ୍ଗ ବରିଶଳ, ସରୋଜିନୀ ପରିଡ଼ା, ନିତିନ ବରିଶଳ ପ୍ରଭାକର ପାଟ୍ଟଶାଣୀ, ରମେଶ ବରିଶଳ, ଭାନୁମତୀ ଆର୍ଯ୍ୟ, ଅନୀତା ତ୍ରିପାଠୀ, ସତ୍ୟ ନାରାୟଣ ନରେନ୍ଦ୍ରସିଂହ ପ୍ରମୁଖ ତାଙ୍କର ବହୁମୁଖୀ ଗୁଣାବଳୀ ବର୍ଣ୍ଣନା କରିଥିଲେ। ପୁତ୍ର ଶିବରଞ୍ଜନ, ଭାଇ ଅମୀନ ବରିଶଳ, ଜାମାତା ଭାନୁ, ଭଣଜା ସୋନୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଡ଼ ବଳଭଦ୍ରପୁରର ସମାଜସେବୀ ସତ୍ୟବାଦୀ ବଳୀୟାରସିଂହ ଧନ୍ୟବାଦ ଦେଇଥିଲେ।

## 'ତ୍ୟାଗ ଓ ତିତିକ୍ଷା ପାଇଁ ପଣ୍ଡିତ ନାରାୟଣ ଓଡ଼ିଆ ଜାତିର ନମସ୍ୟ'

ଖୋର୍ଦ୍ଧା, ୩।୫(ସମିସ)

ଭାରତର ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବା ଲାଗି ମହାନ୍ ସ୍ୱାଧୀନତା ସଂଗ୍ରାମୀ, 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପ୍ରତିଷ୍ଠାତା ପଣ୍ଡିତ ନାରାୟଣ ମିଶ୍ରଙ୍କ ତ୍ୟାଗ ଓ ତୀତିକ୍ଷା ଅବିସ୍ମରଣୀୟ। ଏଥିପାଇଁ ପଣ୍ଡିତ ନାରାୟଣ ଓଡ଼ିଆ ଜାତି ପାଇଁ ନମସ୍ୟ ବୋଲି ଖୋର୍ଦ୍ଧା ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ଭାରପ୍ରାପ୍ତ ଖୋର୍ଦ୍ଧା ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ୫୮ ତମ ଶ୍ରାଦ୍ଧୋତ୍ସବରେ ସ୍ଥାନୀୟ ବିଡ଼ିଏ ପଡ଼ିଆ ନିକଟସ୍ଥ ଜିଲ୍ଲା ପ୍ରେସ କ୍ଲବ ସମ୍ମୁଖରେ ଥିବା ପଣ୍ଡିତ ମିଶ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରୀ ପଟ୍ଟନାୟକ ଆହୁରି କହିଲେ ଯେ, ଆଗାମୀ ଦିନରେ ଏହି ଶ୍ରାଦ୍ଧୋତ୍ସବକୁ ଆହୁରି ବ୍ୟାପକ କରାଯାଇ ବ୍ୟାପକ ପ୍ରଚାର ପ୍ରସାର କରାଯିବା ଦିଗରେ ପଦକ୍ଷେପ ନିଆଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ପୌରପାଳିକା ଆନୁକୂଲ୍ୟରେ



ଆୟୋଜିତ ସାମୂହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ରୂପେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ପ୍ରତିଷ୍ଠା କରି ପଣ୍ଡିତ ମିଶ୍ର ବାନରସେନାକୁ କର୍ମୀ ପ୍ରେରଣ କରିଥିବା ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଅବଲୋକନ କଲେ ଜଣାପଡ଼େ ବୋଲି ଦର୍ଶାଇଥିଲେ।

ସେହିପରି ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦ ଉପଦେଷ୍ଟା ମନୋରମା ନନ୍ଦ (ମିଶ୍ର), ସଂଗ୍ରାମୀ ନାରାୟଣ ସ୍ମୃତି ସମାରୋହ ସମିତି ସମ୍ପାଦକ ଡ. ଧୀରେନ୍ଦ୍ର ନନ୍ଦ, ସ୍ମୃତି ପରିଷଦର ଟ୍ରଷ୍ଟି

**୫୮ ତମ ଶ୍ରାଦ୍ଧୋତ୍ସବ**

ତଥା ଆଡ଼ଭୋକେଟ ନୃସିଂହନାଥ ମିଶ୍ର, ଅକ୍ଷୟକୁମାର ଦାଶ, ଜୟଦେବ ମିଶ୍ର, ଡ଼ା.ଆଚାର୍ଯ୍ୟ ସୂର୍ଯ୍ୟକାନ୍ତ ପାଟଯୋଶୀ, ନୀଳକଣ୍ଠ ଦାଶ, ଉମାଶଙ୍କର ପ୍ରସାଦ, ଖୋର୍ଦ୍ଧା ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାମଶଙ୍କର, ଖୋର୍ଦ୍ଧା ଜିଲ୍ଲା ବିକାଶ ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟି, ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁରଞ୍ଜନ ସାମନ୍ତରାୟ, ସମବାୟବିତ୍ ଡ. ବିମଳଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ପଣ୍ଡିତ ମିଶ୍ରଙ୍କ ଉଲ୍ଲେଖନୀୟ ପ୍ରତିଭାର ଅନ୍ୟାନ୍ୟ ଦିଗ ଉପରେ ଆଲୋକପାତ କରିଥିଲେ।

## କାର୍ ସମେତ ୧୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

ଖୋର୍ଦ୍ଧା, ୩।୫(ସମିସ): ଜଟଣୀ ଅବକାରୀ ବିଭାଗ ପକ୍ଷରୁ ପିତାପଲ୍ଲୀ ଫ୍ଲାଏଓଭର ବ୍ରିଜ ନିକଟରେ ଚଢଉ କରି ଏକ କାର ଭିତରୁ ଗଞ୍ଜେଇ ଜବତ୍ କରିଛି। ଗାଡି ଭିତରୁ ଅବକାରୀ ଟିମ୍ ୪ଟି ଜରି ବସ୍ତାରେ ବନ୍ଧା ହୋଇଥିବା ୧୦୦କେଜି ଗଞ୍ଜେଇ ଜବତ କରିଛି। ଯାହାର ମୂଲ୍ୟ ୧୦ଲକ୍ଷ ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି। ଏହି ଘଟଣାରେ ଅବକାରୀ ଟିମ୍ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କରଣଦଗଡ଼ା ର ଅଶୋକ କୁମାର ଦିଗଲ (୪୫)।



କନ୍ଧମାଳ ଜିଲ୍ଲା ଦିଗରୁ ଭୁବନେଶ୍ୱର ଅଭିମୁଖେ ଏକ କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା। ତାକୁ ଧରିବା ଲାଗି ଅବକାରୀ ସୁପରିଟେଣ୍ଡ ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜଟଣୀ ଓଆଇସି ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ସକାଳ ୭ଟା ସମୟରେ ପିତାପଲ୍ଲୀ ଫ୍ଲାଏଓଭର ବ୍ରିଜ ନିକଟରେ ଗାଡି ଗୁଡିକର ଯାଞ୍ଚ କରିଥିଲେ। ଏହି ସମୟରେ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଓଡି.୩୩ଏମ୍-୮୨୨୮ ନଂ ବିଶିଷ୍ଟ କାର କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଗାଡି ଭିତରୁ ଗଞ୍ଜେଇ ଥିବା ୪ଟି ଜରିବସ୍ତାକୁ ପୁଲିସ ଜବତ କରିଥିଲା। ପ୍ରତି ବସ୍ତାରେ ୨୫କେଜି ଲେଖାଏଁ ଗଞ୍ଜେଇ ରହିଥିଲା। ଗାଡି ଭିତରୁ ଅଶୋକ କୁ ଅବକାରୀ ପୁଲିସ ଗିରଫ କରି ୨୦/୨୬ନଂ ମାମଲାରେ କୋର୍ଟ ଚାଲାଣ କରିଥିଲା। ଏହି ଚଢଉରେ ଏଏସ୍ଆଇ ମୀନକେତନ ମଲ୍ଲିକ, ସମରେନ୍ଦ୍ର ସାମନ୍ତସିଂହାର, ସୁମତି ମହାନ୍ତି, କନେଷ୍ଟବଳ ଟିଟୁ ସାହୁ, ସନନ୍ଦ କୁମାର କୁଅଁର, ପ୍ରଣବ କୁମାର ବେହେରା, ଚିନ୍ମୟୀ ଦାସ ପ୍ରମୁଖ ସାମିଲ ଥିଲେ।

